ସାପ୍ତାହିକ
Postal Regd. No.: SBP/14/2025-2027
# ସ୍ୱୀକାର
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ଏ ଶରତ ନାରାୟଣ ବେହେରା
RNI No. 66443/94
Vol.29 | Issue - 42 | 19 - 25 October 2025 | Sambalpur | Pages- 8 | Invitation Price Rs.10

# ଝାରସୁଗୁଡା ପାଇଁ ଅଭିଶାପ ସାଜିଛି ବେଦାନ୍ତ

ଝାରସୁଗୁଡ଼ା: ଭୌଗୋଳିକ ଦୃଷ୍ଟି କୋଣରୁ ପ୍ରାକୃତିକ ନଦୀ, ନାଳ, ଝାର ଜଙ୍ଗଲ, ପ୍ରାକୃତିକ ସବୁଜିମାରେ ଭରପୁର ଝାରସୁଗୁଡ଼ା ଜିଲ୍ଲାରେ ବ୍ୟାପକ ଶିଳ୍ପାୟନ ଏହାକୁ ଶ୍ରୀହୀନ କରିବାରେ ଲାଗିଛି । ଜିଲ୍ଲାରେ ନୂତନ ଶିଳ୍ପ ପ୍ରତିଷ୍ଠା ହେବା ବେଳେ ଲୋକମାନଙ୍କ ମଧରେ ଜିଲ୍ଲାର ଉନ୍ନତି ହେବ ବୋଲି ଯେଉଁ ଆଶା ରହିଥିଲା ତାହା ଧୂଳିସାତ୍ ହୋଇଛି । ସ୍ଥାନୀୟ ଲୋକମାନେ କେବଳ ପ୍ରଦୂଷଣର ଶିକାର ହୋଇ ନାନା ପ୍ରକାର ରୋଗରେ ଆକ୍ରାନ୍ତ ହେଉଥିବା ବେଳେ କେତେକ



ମୁଷ୍ଟିମେୟ ବ୍ୟବସାୟୀ ଏଥିରେ ବେଶ୍ ଲାଭବାନ ହୋଇଛନ୍ତି । ଏହି ଜିଲ୍ଲା ଦେଇ ପ୍ରବାହିତ ନଦୀ, ନାଳ ଅପମୃତ୍ୟୁର ଶିକାର ହୋଇଥିବା ବେଳେ ଜଙ୍ଗଲ ଧ୍ୱଂସ ପାଇବାରେ ଲାଗିଛି ଏବଂ ଚାଷଜମି ନଷ୍ଟ ହେଉଛି । ସେହିପରି ଭୂତଳ ଜଳ ମଧ ହ୍ରାସ ପାଇବାରେ ଲାଗିଛି । କାରଖାନାମାନଙ୍କରୁ ନିର୍ଗତ ବର୍ଜ୍ୟବସ୍ତୁ ଛୋଟ ଛୋଟ ନଦୀରେ ମିଶି ଶେଷରେ ତାହା ହୀରାକୁଦ ଜଳଭଣ୍ଡାରରେ ପଡୁଛି । ଜିଲ୍ଲାର ସବୁଜିମା କ୍ରମଶଃ ସଙ୍କୁଚିତ ହୋଇ ଜନସଂଖ୍ୟା ତୁଳନାରେ ୩୩% ରହିବା ସ୍ଥାନରେ ମାତ୍ର ୧୦% ଭିତରେ ସୀମିତ ରହିଛି । ଏସବୁ ବାବଦ ରେ ବିଭିନ୍ନ ମହଲରୁ ସରକାରଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯିବା ସତ୍ତ୍ୱେ ସରକାର ପ୍ରଦୂଷଣ ରୋକିବା ପାଇଁ ଆଖିଦୃଶିଆ ପଦକ୍ଷେପ ନେବା ପରିବର୍ତ୍ତେ ନିଦାବିଷ୍ଟ ସାଜିଛନ୍ତି ।

ରାଜ୍ୟରେ ନୂଆଁ ସରକାର ଆସିବା ପରେ ବେଆଇନ ପାଉଁଶ ପରିବହନ ଓ ପ୍ରଦୂଷଣ ରୋକିବାକୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶାସକ ଦଳର କେତେକ ନେତା ଓ ମନ୍ତ୍ରୀ ଯେଉଁ ତମ୍ବିତୋଫାନ କରିଥିଲେ ତାହା ପର୍ବତର ମୂଷିକ ପ୍ରସବ ଭଳି ହୋଇଛି । ବର୍ତ୍ତମାନ ମଧ ଯଥାପୂର୍ବ ତଥା ପରଂ ଭଳି ବିଭିନ୍ନ ସ୍ଥାନରେ ଫ୍ଲାଇ ଆଶ୍ ପକାଯାଉଛି । ରାଜପଥ କଡ଼ମାନଙ୍କରେ ଟ୍ରକ୍ ଗୁଡିକ ଲମ୍ବା ଧାଡିରେ ଛିଡ଼ା ହୋଇ ଟ୍ରାଫିକ୍ ସମସ୍ୟା ସୃଷ୍ଟି କରୁଛନ୍ତି । କାରଖାନାମାନଙ୍କରୁ ବର୍ଜ୍ୟବସ୍ତୁ ସିଧାସଳଖ ନଦୀ ନାଳମାନଙ୍କରେ ପଡୁଛି । ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏସବୁ ଦେଖି ନ ଦେଖିଲା ପରି ରହୁଛି । ଝାରସୁଗୁଡ଼ାର ଏହି ଶୋଚନୀୟ ପରିସ୍ଥିତି ପାଇଁ ମୁଖ୍ୟତଃ ବେଦାନ୍ତ ଆଲୁମିନିୟମ ଦାୟୀ ବୋଲି କୁହାଯାଉଛି ।

ଖାଲୁଆ ଅଞ୍ଚଳ ପୋତିବା ନାଁରେ ନିର୍ଦ୍ଦିଷ୍ଟ ଭାବରେ ପାଉଁଶ ପରିଚାଳନା ପାଇଁ ସରକାରୀ ଭାବେ ବାରଣ ଥିବା ସ୍ଥାନ ଯଥା ନଦୀ ପଠା, ପ୍ରାକୃତିକ ଜଳ ଉତ୍ସ ବା ବନ୍ୟା ସମତଳ ଅଞ୍ଚଳ, ଚାଷ ଜମି, ଜଙ୍ଗଲ ଜମି ଓ ଗୋଚର ଜମି ଭଳି ସମ୍ବେଦନଶୀଳ ସ୍ଥାନ ଗୁଡ଼ିକରେ ବେଆଇନ୍ ଭାବେ ପାଉଁଶ ପାହାଡ଼ ସୃଷ୍ଟି କରାଯାଉଛି । ପାଉଁଶ ପରିଚାଳନା ପାଇଁ ଉଦ୍ଦିଷ୍ଟ ପ୍ରଦୁଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ଜାରି ଚିଠି ସଂଖ୍ୟା ନ.୧୧୦୪୭ ।ତା ୨୧/୦୮/୨୦୧୭ ରିଖ ସରକାରୀ ଭାବେ ପ୍ରତ୍ୟାହୃତ ହୋଇ ନୂତନ ଭାବେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ନୂଆଦିଲ୍ଲୀ ପତ୍ର ସଂଖ୍ୟା ନଂ ୫୪୮୧ ତା୩୧/୧୨/୨୦୨୧ ରେ ନୂଆ ଅଧିସୂଚନା ଜାରି କଲେ । କିନ୍ତୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନୂତନ ଅଧାଦେଶ ବଳବତ୍ତର ଥିବା ବେଳେ ପ୍ରତ୍ୟାହୃତ ଅକାମୀ ସରକାରି ଆଧାଦେଶ ନ.୧୧୦୪୭ ତା ୨୧/୦୮/୨୦୧୭ ବଳରେ ଖାଲୁଆ ଅଞ୍ଚଳ ପୋତିବା ନାଁ ରେ ହଜାର ହଜାର ସଂଖ୍ୟାରେ ବେଦାନ୍ତ କମ୍ପାନୀକୁ ପାଉଁଶ ପୋତା ଅନୁମତି ପତ୍ର ପ୍ରଦାନ କରିଛନ୍ତି । ହୀରାକୁଦ ନଦୀବନ୍ଧ ଏହାର ମୁଖ୍ୟ ପ୍ରାକୃତିକ ଜଳ ଉତ୍ସ ଯଥା ଖରଖରି ନାଳା, ବଞ୍ଜାରୀ ନାଳା, ହାତିଆ ନାଳା, ସଫେଇ ନାଳା ଯାହା ଭେଡେନ ନଦୀ, ଇବ ନଦୀ ସହ ମହାନଦୀର ଜଳ ଧାରଣ କ୍ଷମତାକୁ ଅଣ ମୌସୁମି ସମୟରେ ସୁରକ୍ଷିତ କରି ରଖେ, ଏହା ବର୍ତ୍ତମାନ ପରିସ୍ଥିତିରେ ନିଜ ନିଜ ଅସ୍ତିତ୍ୱ ହରେଇ ସାରିଲେଣି ।

ବେଦାନ୍ତ କାରଖାନା ମହାନଦୀ ଉପତ୍ୟକାର ଝାରସୁଗୁଡ଼ା, ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲ୍ଲାର କୋଣ ଅନୁକୋଣକୁ ବେଆଇନ୍ ବିଷାକ୍ତ ପାଉଁଶ ପ୍ରଦୂଷଣ ରେ ଧ୍ୱଂସ କରିବା ସହ ରାଜ୍ୟ ସରକାରଙ୍କ ସହ ସ୍ୱାକ୍ଷରିତ ବୁଝାମଣା ପତ୍ରକୁ ଖୋଲାଖୋଲି ଉଲଂଘନ କରୁଛି । ଏହାଛଡା ବିଭିନ୍ନ ସରକାରୀ ରାଜସ୍ୱ ଓ ଟିକସ୍ ପୈଠରେ ଖିଲାପ କରି କୋର୍ଟର ଆଶ୍ରୟ ନେଉଛି ।୨୦୧୬ ମସିହାରୁ ସରକାରୀ ଭାବେ ଝାରସୁଗୁଡ଼ା ଜିଲ୍ଲା ଶିଳ୍ପ ଧାରଣ କ୍ଷମତା ହରେଇ ଥିବା ସତ୍ତ୍ୱେ କେବଳ ବ୍ୟବସାୟୀକ ସ୍ୱାର୍ଥ ପାଇଁ ବେଦାନ୍ତ ପ୍ରକଳ୍ପ ସଂପ୍ରସାରଣ ପରେ ସଂପ୍ରସାରଣ କରିଚାଲିଛି ।

ବିଷାକ୍ତ ପାଉଁଶ ପ୍ରଦୁଷଣ ଯୋଗୁଁ ହୀରାକୁଦ ନଦୀବନ୍ଧର ବିସ୍ତୀର୍ଣ୍ଣ ଜଳରାଶି ପ୍ରଦୁଷିତ ହେବା ସହ ଖାଦ୍ୟ ଶୃଙ୍ଖଳା କୁ ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ କରୁଛି, ଯତ୍ ଦ୍ୱାରା ଏ ଅଞ୍ଚଳର ଜନଜୀବନ ଅସ୍ତବ୍ୟସ୍ତ ହୋଇ ଆର୍ଥିକ ସ୍ୱଚ୍ଛଳତା ଅଭାବରୁ ଉପଯୁକ୍ତ ଚିକିତ୍ସାରୁ ବଞ୍ଚିତ ହୋଇ ବିଭିନ୍ନ ମାରାତ୍ମକ ରୋଗର ଶିକାର ହୋଇ ଅକାଳରେ ସ୍ୱଳ୍ପ ବୟସରେ ହୃଦରୋଗ, କେନସର, ଉଚ୍ଚ ରକ୍ତ ଚାପ, କାମଳ ଜନିତ ରୋଗରେ ଜୀବନ ହାରୁଛନ୍ତି । ତତ୍ ସଙ୍ଗେ ସଙ୍ଗେ ମାତ୍ରାଧିକ ଶିଳ୍ପ ଜନିତ ପ୍ରଦୁଷଣ ଓ ରାଜନୈତିକ ଷଡ଼ଯନ୍ତ୍ର ପ୍ରଦୁଷଣରେ ଜର୍ଜରିତ ବାୟୁମଣ୍ଡଳ ତଥା ଜଳ ଉତ୍ସ ପ୍ରଦୁଷିତ ହୋଇ ମାତ୍ରାଧିକ ଫ୍ଲୋରୋସିସ୍, ଫ୍ଲୋରାଇଡ, ନାଇଟ୍ରେଟ ଓ ସଲଫରର ଅବସ୍ଥାନ ଯୋଗୁଁ କ୍ରମଶଃ ବିପଦଜନକ ଭାବେ ପ୍ରାଣୀ ଜଗତର ପ୍ରଜନନ କ୍ଷମତା ହରାଇବା ଭଳି ସାଂଘାତିକ ପରିସ୍ଥିତିର ସମ୍ମୁଖୀନ ହେଉଛି ।

## ବେଆଇନ ପାଉଁଶ ପରିବହନ ନେଇ ତାତିଲେ ଗ୍ରାମବାସୀ



ଝାରସୁଗୁଡା: ଦଲ୍କି ଗ୍ରାମ ପଞ୍ଚାୟତର ବିନା ଅନୁମତିରେ ଏନ୍ଆର୍ଜିଏସ୍ ରାସ୍ତାରେ ବେଦାନ୍ତ ବେଧଡକ ପାଉଁଶ ପରିବହନ କରୁଥିବା ଅଭିଯୋଗ ହୋଇଛି । ବେଦାନ୍ତର ଏହି ବେଆଇନ କାର୍ଯ୍ୟକଳାପ ପ୍ରତିବାଦରେ ଗତ ବୁଧବାର ଦିନ ଦଲ୍କି ଗ୍ରାମପଞ୍ଚାୟତର ଅଧିବାସୀମାନେ ରାସ୍ତା ଅବରୋଧ କରିଥିଲେ । ରାସ୍ତା ଅବରୋଧ ଚାଲିଥିବା ସମୟରେ ଝାରସୁଗୁଡା ପୁଲିସ, ବଡମାଲ ପୁଲିସ୍ ଓ ବେଦାନ୍ତ କର୍ତ୍ତୃପକ୍ଷ ସେଠାରେ ପହଞ୍ଚି ଗ୍ରାମବାସୀ ମାନଙ୍କୁ ବୁଝାସୁଝା କରିବାକୁ ଉଦ୍ୟମ କରିଥିଲେ । ତେବେ ଦଲ୍କି ଗ୍ରାମ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ୱାର୍ଡ୍ ମେମ୍ବର ମାନେ ଗୁରୁବାର ଦିନ ସକାଳେ ଏକ ସଭା କରି ନିଷ୍ପତ୍ତି ନେବା ପାଇଁ ସ୍ଥିର କରିଥିଲେ । ଗୁରୁବାର ଦିନ ବୈଠକ ଆରମ୍ଭ ହେବା ପରେ ପଞ୍ଚାୟତ ପ୍ରତିନିଧିମାନେ ବେଦାନ୍ତ କର୍ତ୍ତୃପକ୍ଷଙ୍କୁ ପ୍ରଶାସନିକ ଅନୁମତି ପ୍ରମାଣପତ୍ର ଦେଖାଇବାକୁ କହିଥିଲେ । କିନ୍ତୁ ସେଠାରେ ଅନୁମତି ପତ୍ର ଦେଖାଇବା ପାଇଁ ବେଦାନ୍ତ କର୍ତ୍ତୃପକ୍ଷ ସମର୍ଥ ହୋଇ ନ ଥିଲେ । ଅନୁମତି ପତ୍ର ଦେଖାଇବାକୁ ୩-୪ ଦିନ ଲାଗିବ ବୋଲି ବେଦାନ୍ତ କର୍ତ୍ତୃପକ୍ଷ ଉତ୍ତର ରଖିଥିଲେ । ଗ୍ରାମବାସୀ ମାନେ ଏଥିରେ କ୍ଷୁବ୍ଧ ହୋଇ ବେଦାନ୍ତ କର୍ତ୍ତୃପକ୍ଷ ଅନୁମତି ପତ୍ର ନ ଦେଖାଇବା ପର୍ଯ୍ୟନ୍ତ ସଭା କାର୍ଯ୍ୟ ଆରମ୍ଭ ହେବ ନାହିଁ ବୋଲି ରୋକ୍ଠୋକ୍ ଶୁଣାଇ ଦେଇଥିଲେ ।

ଉଲ୍ଲେଖଯୋଗ୍ୟ ଯେ, ଝାରସୁଗୁଡ଼ା ବ୍ଲକର ଦଲକି ପଞ୍ଚାୟତ ଦ୍ୱାରା ତିଆରି ହୋଇଥିବା ଏନଆରଜିଏସ୍‌ରେ ବିନା ଅନୁମତିରେ ବେଆଇନ ଭାବେ ବେଦାନ୍ତ କାରଖାନାର ଶହ ଶହ ଟ୍ରକ୍ ପ୍ରତ୍ୟହ ଫ୍ଲାଇ ଆସ୍ ନେଇ ଯାତାୟତ କରୁଥିବାରୁ ସେ ଅଞ୍ଚଳରେ ପ୍ରଦୂଷଣ ହେଉଛି । ଦଲକି କୁମୁଡ଼ା ପାଲି ସଫେଇ ନାଳ ଘାଟ ରାସ୍ତାରେ ଫ୍ଲାଇ ଆସ୍ ଗୁଡିକ ଯାଉଥିବାରୁ ଫ୍ଲାଇ ଆଶ୍ ଘର ଭିତରେ ପଶିଯିବା ସହିତ ଚାଷ ଜମିରେ ପଡି ଫସଲ କ୍ଷତିଗ୍ରସ୍ତ ହେଉଛି । ଏଥିପାଇଁ ଲୋକମାନେ ନାନା ପ୍ରକାର ରୋଗରେ ମଧ ଆକ୍ରାନ୍ତ ହେଉଛନ୍ତି । ଦଲକି କୁମୁଡ଼ାପାଲିର ଏନଆରଜିଏସ୍ ରାସ୍ତାରେ ବେଦାନ୍ତ କାରଖାନାର ଗାଡ଼ି ଚଳାଚଳ ବନ୍ଦ କରିବାକୁ ଦଲକି ସରପଞ୍ଚ ଯଶୋବନ୍ତୀ ଧୁରୁଆ, ସମିତି ସଭ୍ୟା ଲିଲିମା ପ୍ରଧାନ ପ୍ରମୁଖ ଝାରସୁଗୁଡ଼ା ଜିଲ୍ଲାପାଳଙ୍କୁ ଏ ସଂକ୍ରାନ୍ତରେ ଏକ ଦାବିପତ୍ର ଦେଇଛନ୍ତି ।

# ବିପର୍ଯ୍ୟୟ ବିପଦ ହ୍ରାସ କ୍ଷେତ୍ରରେ ପାଣ୍ଠି ବିନିଯୋଗ କୌଣସି ବ୍ୟୟ ନୁହେଁ: ପି.କେ. ମିଶ୍ର

ନୂଆଦିଲ୍ଲୀ : ବିପର୍ଯ୍ୟୟ ବିପଦ ହ୍ରାସ କ୍ଷେତ୍ରରେ ପାଣ୍ଠି ବିନିଯୋଗ କୌଣସି ବ୍ୟୟ ନୁହେଁ ବରଂ ଏହା ଆମ ସହଭାଗୀ ଭବିଷ୍ୟତ ଲାଗି ଏକ ସାମୂହିକ ନିବେଶ ବୋଲି ଭାରତ ସର୍ବଦା ଗୁରୁତ୍ୱାରୋପ କରି ଆସିଛି ବୋଲି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପ୍ରମୋଦ କୁମାର ମିଶ୍ର କହିଛନ୍ତି ।

ଦକ୍ଷିଣ ଆଫ୍ରିକାର ଅଧକ୍ଷତାରେ କେପଟାଉନ୍ ଠାରେ ଅନୁଷ୍ଠିତ ଜି-୨୦ ବିପର୍ଯ୍ୟୟ ବିପଦ ହ୍ରାସ (ଡିଆର୍ଆର୍)ର ମନ୍ତ୍ରୀସ୍ତରୀୟ ବୈଠକରେ ଅଂଶଗ୍ରହଣ କରିଥିବା ଭାରତୀୟ ପ୍ରତିନିଧି ଦଳର ନେତୃତ୍ୱ ନେଇ ଡକ୍ଟର ମିଶ୍ର କହିଥିଲେ ଯେ, ବହୁମୁଖୀ ବିପଦର ଆଗୁଆ ଚେତାବନୀ ବ୍ୟବସ୍ଥାକୁ ଆଗକୁ ବଢ଼ାଇବା, ପୂର୍ବାନୁମାନ ପଦକ୍ଷେପ ଗ୍ରହଣ କରିବା ଲାଗି ପୂର୍ବାନୁମାନ ଆଧାରିତ ପାଣ୍ଠି - ସହାୟତାର ଲାଭ ଉଠାଇବା ଏବଂ ଅନୁକୂଳ ସ୍ଥିତି ପାଇଁ ସରକାରୀ-ଘରୋଇ ଭାଗୀଦାରିକୁ ପ୍ରୋତ୍ସାହନ ଦେବାକୁ ଭାରତ ସଂକଳ୍ପବଦ୍ଧ ରହିଛି । ସେ ବିପର୍ଯ୍ୟୟ ବିପଦ ନିରୋଧୀ ଭିତିଭୂମି ମେଣ୍ଟ (ସିଡିଆର-ଆଇ) ମାଧମରେ ଭାରତର ନେତୃତ୍ୱକୁ ଦୋହରାଇ ଥିଲେ । ଏହି ମେଣ୍ଟ ପ୍ରାୟ ୫୦ଟି ଦେଶକୁ ବୈଷୟିକ ସହାୟତା ଯୋଗାଇ ଦେଇଛି ।



ଡିଆର୍ଆର୍‌ରେ ନିବେଶ ଲାଗି ସ୍ୱେଚ୍ଛାକୃତ ଉଚ୍ଚସ୍ତରୀୟ ନୀତି ଉପରେ ଅନୁଷ୍ଠିତ ମନ୍ତ୍ରୀସ୍ତରୀୟ ଗୋଲଟେବୁଲ ବୈଠକରେ ଯୋଗଦେଇ ଡକ୍ଟର ମିଶ୍ର ବିପଦର ସୂଚନା, ପାଣ୍ଠି ଯୋଗାଣ ରଣନୀତି, ନବସୃଜନ ଏବଂ ସ୍ଥାନୀୟ ସ୍ତରର ନିବେଶ ଉପରେ ଆଧାରିତ ଭାରତର ସମନ୍ୱିତ ଦୃଷ୍ଟିକୋଣ ବିଷୟରେ ଉଲ୍ଲେଖ କରିଥିଲେ ।

ଏହି ଅବସରରେ ଡକ୍ଟର ମିଶ୍ର ଦକ୍ଷିଣ ଆଫ୍ରିକାର ସମବାୟ ପ୍ରଶାସନ ଏବଂ ପାରମ୍ପରିକ ବ୍ୟାପାର ମନ୍ତ୍ରୀ ଭେଲେଂକୋସିନୀ ହ୍ଲାବିସା, ଅଷ୍ଟ୍ରେଲିଆର ଆପାତକାଳ ପରିଚାଳନା ମନ୍ତ୍ରୀ ସୁଶ୍ରୀ କ୍ରିଷ୍ଟୀ ମ୍ୟାକବେନ୍ ଏବଂ ଅନ୍ୟ ଜି-୨୦ ସଦସ୍ୟ ଓ ଅନ୍ତର୍ଜାତୀୟ ପ୍ରତିନିଧି ଦଳର ମୁଖ୍ୟମାନଙ୍କ ସହିତ ଦ୍ୱିପାକ୍ଷିକ ବୈଠକ କରିଥିଲେ ।

ଏସବୁ ବୈଠକରେ ବିପର୍ଯ୍ୟୟ ପ୍ରଶମନ ଦିଗରେ ସହଯୋଗ ପ୍ରୟାସକୁ ସୁଦୃଢ଼ କରିବା ନେଇ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମ ଶେଷରେ ଡକ୍ଟର ମିଶ୍ର ଘରୋଇ ସ୍ତରରେ ଏବଂ ଅନ୍ତର୍ଜାତୀୟ ଭାଗିଦାରୀ ମାଧମରେ ଘୋଷଣା ପତ୍ରର ପ୍ରତିଶ୍ରୁତିବଦ୍ଧତାକୁ ଆଗକୁ ବଢ଼ାଇବା ଲାଗି ଭାରତର ପ୍ରତିବଦ୍ଧତାକୁ ଦୋହରାଇଥିଲେ ।

## ଏ ସଂଖ୍ୟାରେ..


ପାଟି ଘା' ଭଲ କରେ ଗୁଜୁରାତି


ଔଷଧୀୟ ସଜନା ଶାଗ


ଆର୍ଥ୍ରାଇଟ୍ସ ପାଇଁ ଆଳୁ


ଦେହକୁ ହିତ କାକୁଡି


ଲୋ ବ୍ଲଡପ୍ରେସର ଦୂର କରେ ଗାଜର


ଧନିଆର ଉପକାରିତା

# ଆପଣଙ୍କ ପୁଞ୍ଜି ଆପଣଙ୍କ ଅଧିକାର ସଚେତନତା ଶିବିର




ସମ୍ବଲପୁର: ଭାରତୀୟ ଷ୍ଟେଟ ବ୍ୟାଙ୍କ ଆନୁକୁଲ୍ୟରେ 'ଆପଣଙ୍କ ପୁଞ୍ଜି ଆପଣଙ୍କ ଅଧିକାର 'ଶୀର୍ଷକ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ବ୍ୟାଙ୍କ ଏବଂ ଅନ୍ୟାନ୍ୟ ଆର୍ଥିକ ସଂସ୍ଥାରେ ଦାବି ନ ହୋଇ ପଡି ରହିଥିବା ପୁଞ୍ଜିର ତ୍ୱରିତ ଓ ସରଳ ଦାବି ସମାଧାନ ଦିଗରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଏହି ଶିବିରର ଆୟୋଜନ କରା ହୋଇଥିଲା । ସାରା ଦେଶରେ ପ୍ରଥମ ପର୍ଯ୍ୟାୟରେ ୨୫ ଟି ଜିଲ୍ଲା ଓ ଓଡିଶାର ଦୁଇଟି ଜିଲ୍ଲା ମଧ୍ୟରୁ ସମ୍ବଲପୁର ଜିଲ୍ଲାରେ ଏହି ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ ହେଲା । ଭାରତୀୟ ଷ୍ଟେଟ ବ୍ୟାଙ୍କର ଉପ ମହା ପ୍ରବନ୍ଧକ ଶ୍ରୀ ସଞ୍ଜୟ କୁମାର ଝାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ ସମ୍ବଲପୁର ଜିଲ୍ଲାପାଳ ଶ୍ରୀ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମୁଖ୍ୟ ଅତିଥି, ସମ୍ବଲପୁର ଜିଲ୍ଲା ପରିଷଦର ଅଧ୍ୟକ୍ଷା ଶ୍ରୀମତୀ କୁମୋଦିନୀ ନାୟକ ସମ୍ମାନିତ ଅତିଥି, ରିଜର୍ଭ ବ୍ୟାଙ୍କର ଅଗ୍ରଣୀ ଜିଲ୍ଲା ଅଧିକାରୀ ସମ୍ବଲପୁର ଶ୍ରୀମତୀ ମୌସୁମୀ ସା ସମ୍ମାନିତ ଅତିଥି, ରାଜ୍ୟ ସ୍ତରୀୟ ବ୍ୟାଙ୍କ ସମିତିର ଆବାହକ ଏବଂ ମୁଖ୍ୟ ମହା ପ୍ରବନ୍ଧକ ଶ୍ରୀ ଗୌତମ ପାତ୍ର ମୁଖ୍ୟ ବକ୍ତା, ଭାରତୀୟ ଷ୍ଟେଟ ବ୍ୟାଙ୍କର କ୍ଷେତ୍ରୀୟ ଅଧିକାରୀ ଶ୍ରୀ ମାନସ ରଞ୍ଜନ ପ୍ରଧାନ ପ୍ରମୁଖ ଭାଷଣ ଦେଇଥିଲେ । ଏହି ସଭାରେ ଅତିଥିମାନଙ୍କ ଦ୍ୱାରା ଛଅ ଜଣ ହିତାଧିକାରୀଙ୍କୁ ସେମାନଙ୍କ ନିଷ୍କ୍ରିୟ ଜମା ପୁଞ୍ଜିର ଦାବି ଅର୍ଥକୁ ଚେକ ଆକାରରେ ପ୍ରଦାନ କରାଯାଇଥିଲା । ସଭା ଆରମ୍ଭରେ ଓ ଶେଷରେ ସରକାର ଓ ରିଜର୍ଭ ବ୍ୟାଙ୍କ ଦ୍ୱାରା ଜାରି କରାଯାଇଥିବା ଜ୍ଞାନବର୍ଦ୍ଧକ ଓ ଶିକ୍ଷଣୀୟ ଭିଡିଓ ମାନ ପ୍ରଦର୍ଶନ କରା ଯାଇଥିଲା । ଭାରତୀୟ ଷ୍ଟେଟବ୍ୟାଙ୍କ ବୁର୍ଲା ଶାଖାର ମୁଖ୍ୟ ପ୍ରବନ୍ଧକ ଶ୍ରୀମତୀ ସୁଭଦ୍ରା ଶତପଥୀ ମଞ୍ଚ ପରିଚାଳନା କରିଥିଲେ ।

# ତେଲେନପାଲିରେ ଭାଗବତ ପାରାୟଣ କଥାମୃତ

ଝାରସୁଗୁଡ଼ା: ବ୍ରଜରାଜନଗରର ତେଲେନପାଲି ଗ୍ରାମର ରାମ ମନ୍ଦିର ପରିସରରେ ଭାଗବତ ପାରାୟଣ କଥାମୃତ ଅନୁଷ୍ଠିତ ହୋଇଯାଇଛି । ଗ୍ରାମର ଧାର୍ମିକ ବ୍ୟକ୍ତି ମନୋରଞ୍ଜନ ଦାଶ ଓ ତାଙ୍କ ଧର୍ମପତ୍ନୀ ସୁଷମା ଦାଶ କର୍ତ୍ତା ଭାବରେ ଦାୟିତ୍ୱ ନିର୍ବାହ କରିଥିଲେ । ବ୍ରଜରାଜନଗରର ପୂର୍ବତନ ବିଧାୟିକା ଅଲକା ମହାନ୍ତି, ପୌର ପରିଷଦ ଅଧ୍ୟକ୍ଷ ଗୋପାଳ ସୀତାନି ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । ଗତ ୨୦୧୩ ମସିହା ଠାରୁ ଆରମ୍ଭ ହୋଇଥିବା ଏହି ଭାଗବତ କଥାମୃତ ୧୩ ବର୍ଷ ହେଲା ତେଲେନପାଲି ରାମ ମନ୍ଦିର ପରିସରରେ ଅନୁଷ୍ଠିତ ହେଉଛି । ଏହି ଭାଗବତ କଥାମୃତ ସଙ୍ଗୀତ ମାଧ୍ୟମରେ ବିନିକା ଅଞ୍ଚଳର ପଣ୍ଡିତ ନୀଳମାଧବ ନାୟକ ପଠନ କରିଥିବା ବେଳେ ପଣ୍ଡିତ ଆଦିତ୍ୟ ମିଶ୍ର ମୁଖ୍ୟ ପୁରୋହିତ ଭାବେ ପୂଜା କରିଥିଲେ ।

# ସମ୍ବଲପୁରରେ ଏସବିଆଇର ୱାକାଥନ




ସମ୍ବଲପୁର: ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ପ୍ରଶାସନିକ କାର୍ଯ୍ୟାଳୟରେ ଏକ 'ୱାକାଥନ' (ପଦଯାତ୍ରା) ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଡିଜିଏମ ଶ୍ରୀ ସଞ୍ଜୟ କୁମାର ଝା, ଏଓ ସମ୍ବଲପୁର, ଶ୍ରୀ ସନ୍ଦୀପ ବାବୁରାଓ ମୁନ୍, ଡିଜିଏମ (ସତର୍କତା), ଏଲଏଚଓ ଭୁବନେଶ୍ୱର, ଶ୍ରୀ ମାନସ ରଞ୍ଜନ ପ୍ରଧାନ, ଅଞ୍ଚଳୀୟ ପ୍ରବନ୍ଧକ, ସମ୍ବଲପୁର ଏବଂ ଏସବିଆଇର ଅନ୍ୟାନ୍ୟ କର୍ମଚାରୀମାନେ ବ୍ୟାନର ଓ ପ୍ଲାକାର୍ଡ ଧରି ଅଂଶଗ୍ରହଣ କରିଥିଲେ । କଚେରୀ ସ୍ଥିତ ଏସବିଆଇ ପ୍ରଶାସନିକ କାର୍ଯ୍ୟାଳୟରୁ ଆରମ୍ଭ ହୋଇ ନେଲସନ ମାଣ୍ଡେଲା ଛକ ପର୍ଯ୍ୟନ୍ତ ଏହି ପଦଯାତ୍ରା ଯାଇଥବଲା ।

# କାର୍ତ୍ତିକ ମାସର ଆଧ୍ୟାତ୍ମିକ, ବୈଜ୍ଞାନିକ ଓ ସାମାଜିକ ମୂଲ୍ୟବୋଧ

ହିନ୍ଦୁମାନଙ୍କର ଶ୍ରେଷ୍ଠ ଧର୍ମମାସ ହେଲା କାର୍ତ୍ତିକ । ଏ ମାସର ଋତୁ ହେଲା ଶରତ । ଉପନିଷଦ କହେ 'ଜୀବନ ଶରଦଃ ଶତମ୍' । ଶହେଟି ଶରତ ବଞ୍ଚି ରହିବାର ଆଶୀର୍ବାଦ ଦେଇଥିଲେ ପ୍ରାଚୀନ ମହର୍ଷିମାନେ । ବାସ୍ତବରେ ଋତୁମାନଙ୍କ ଭିତରେ ହିଁ ଶରତ ତା'ର ନିର୍ମଳତା ପାଇଁ, ସୌନ୍ଦର୍ଯ୍ୟ ପାଇଁ, ପର୍ବପର୍ବାଣି ପାଇଁ, ଓଷା ବ୍ରତ ପାଇଁ ସବୁ ଋତୁଠାରୁ ଶ୍ରେଷ୍ଠଋତୁର ମାନ୍ୟତା ପାଇଛି । ନାରଦୀୟ ପୁରାଣରେ ଉଲ୍ଲେଖ ଅଛି ଯେ, କାର୍ତ୍ତିକ ମାସ ପରି ମାସ, ସତ୍ୟଯୁଗ ପରି ଯୁଗ, ବେଦ ପରି ଶାସ୍ତ୍ର ଓ ଗଙ୍ଗାତୁଲ୍ୟ ତୀର୍ଥ ନାହିଁ । ଏହି ମାସର ବିଶେଷତ୍ୱ ହେଲା ପ୍ରାତଃସ୍ନାନ, ଦେବଦେବୀଙ୍କୁ ପୂଜନ, ପ୍ରଭୁ ନାମ କୀର୍ତ୍ତନ, ଓଷା ବ୍ରତ ପାଳନ, ହବିଷ୍ୟାନ୍ନ ଭୋଜନ ତଥା ଆମିଷ ବର୍ଜନ ।

ଏହି ପ୍ରାତଃସ୍ନାନ ସଂପର୍କରେ ପଦ୍ମପୁରାଣ ଉତ୍ତରାଖଣ୍ଡର କାର୍ତ୍ତିକ ମାହାତ୍ମ୍ୟରେ ବର୍ଣ୍ଣନା କରାଯାଇଛି ଯେ ଏହି ମାସରେ ବିଷ୍ଣୁ ଜଳ ମଧ୍ୟରେ ବାସ କରୁଥିବାରୁ ଯେଉଁ ନରନାରୀ ପ୍ରାତଃକାଳରେ ସ୍ନାନକରି ବ୍ରତଚାରୀ ହେବେ ଓ ହବିଷ୍ୟାନ୍ନ ଭୋଜନ କରି ତାଙ୍କ ନାମ ଜପ କରିବେ ସେମାନେ ପରମ ମୁକ୍ତି ପାଇବେ । କିନ୍ତୁ ଏହାର ବୈଜ୍ଞାନିକ କାରଣ ହେଲା ଯେ ଏହି ସମୟ ଶୀତର ଆରମ୍ଭ ହେତୁ ଶରୀର ଅବଶ ଲାଗେ । ଜଠରାଗ୍ନିରେ ମାନ୍ଦ୍ୟତା ପ୍ରକାଶ ପାଏ । ଏଣୁ ପ୍ରାତଃ ସମୟରେ ଆଳସ୍ୟ ପରିହାର କରି ସ୍ନାନ କଲେ ଶରୀର ନବଯୌବନ ଲାଭ କରେ । ଆଗକୁ ଆସୁଥିବା ପ୍ରବଳ ଶୀତ କବଳରୁ ରକ୍ଷା ପାଇବା ପାଇଁ ଶରୀରରେ ସହନଶୀଳ ଗୁଣ ସୃଷ୍ଟି ହୋଇଥାଏ । ସେହିପରି ଶୀତ ଋତୁରେ ଦେହରେ ଅମ୍ଳ ବୃଦ୍ଧି ଯୋଗୁଁ ନାନା ଉଦର ରୋଗ ଦେଖା ଯାଇଥାଏ । ତେଣୁ ପାଚନ କ୍ରିୟାର ସୁବିଧା ପାଇଁ ମୁଗ, କଞ୍ଚାକଦଳୀ, ସାରୁ, ଓଉ ଆଦିର ତରକାରି ଖାଇବାକୁ ପଡିଥାଏ । ଅନୁରୂପ ଭାବରେ ଶିବଙ୍କର ପ୍ରିୟ ବେଲପତ୍ର, ବିଷ୍ଣୁଙ୍କର ପ୍ରିୟ ତୁଳସୀପତ୍ର, ଆଦି ଖାଇବାର ବିଧି ରହିଛି । ସ୍ୱାସ୍ଥ୍ୟ ବିଜ୍ଞାନ କହୁଛି, ଏ ଦୁଇପତ୍ର ହଜମକ୍ରିୟାରେ ସହାୟକ ହୁଅନ୍ତି । ଏହି ମାସରେ ଆମିଷ ଭକ୍ଷଣ ସଂପୂର୍ଣ୍ଣ ଭାବେ ନିଷେଧ କରାଯାଇଛି । ପ୍ରକୃତରେ ଏହି ଆମିଷ ଭକ୍ଷଣ ନିଷେଧ ପଛରେ ଥିବା ବୈଜ୍ଞାନିକ କାରଣଗୁଡିକ ହେଲା ବର୍ଷା ଋତୁରେ ପ୍ରବଳ ବର୍ଷା ଓ ବନ୍ୟାରେ ବିଭିନ୍ନ ଦ୍ରବ୍ୟ ଓ ଜୀବଜନ୍ତୁ ପଚିସଢ଼ି ବର୍ଷାପାଣିରେ ଭାସି ଘାସ ପତ୍ରରେ ଲାଗିଥାନ୍ତି । ତେଣୁ ସେହି ପଚାସଢ଼ା ଦ୍ରବ୍ୟ ସହ ଲାଗିଥିବା ଘାସପତ୍ରକୁ ଛେଳି, ମେଣ୍ଢା ଆଦି ଖାଇବା ଦ୍ୱାରା ସେମାନଙ୍କ ଦେହରେ କୃମିଜାତୀୟ ରୋଗମାନ ସୃଷ୍ଟିହୋଇଥାଏ । ଏହି ଛେଳି, ମେଣ୍ଢା ଆଦିର ମାଂସ ମନୁଷ୍ୟ ଖାଇଲେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବାର ସମ୍ଭାବନା ରହିଥାଏ । ଅନୁରୂପ ଭାବରେ ମାଛମାନେ ପଚାସଢ଼ା ଖାଇ ବିଭିନ୍ନ ପ୍ରକାର ରୋଗର ଶିକାର ହୋଇଥାନ୍ତି । ରୋଗାକ୍ରାନ୍ତ ମାଛ ମନୁଷ୍ୟ ଭକ୍ଷଣ କଲେ ରୋଗାକ୍ରାନ୍ତ ହେବାର ସମ୍ଭାବନା ଥାଏ । ପୁଣି ଏହି ମାସରେ ମୈଥୁନରେ ଲିପ୍ତ ନ ରହିବା ପାଇଁ ଶାସ୍ତ୍ରରେ ଉଲ୍ଲେଖ କରାଯାଇଛି । ଏହା ଶୃଙ୍ଖଳିତ ଯୌନ ଜୀବନଯାପନ ସହ ଜନ୍ମ ନିୟନ୍ତ୍ରଣ ପାଇଁ ଏକ ପ୍ରୟାସ ।

ଗର୍ଭଣା ସଂକ୍ରାନ୍ତି ଦିନ କୃଷକ ଭାଇ ଧାନବିଲ ହୁଡାରେ ଝିରି ରାନ୍ଧି କ୍ଷେତକୁ ପୂଜା କରେ । ଏତେବେଳକୁ ଧାନକେଣ୍ଡା ଗଛର ଗର୍ଭ ଭିତରେ ଥାଏ । ଏହି ସମୟରେ ଧାନଗଛରେ କାଣ୍ଡବିନ୍ଧା ପୋକ, ଲେଡ଼ା ପୋକ, ଦିଆଲି ପୋକ ଆଦି ଲାଗିବାର ସମ୍ଭାବନା ଥାଏ । ତେଣୁ ଧାନକ୍ଷେତ ହୁଡାରେ ଝିରି ରାନ୍ଧିବା ପାଇଁ ଯେଉଁ ଚୁଲି ଜଳେ, ସେ ନିଆଁରେ ଅନେକ ପୋକ, କୀଟ, ପତଙ୍ଗ ପଡି ମରିଥାନ୍ତି । ସେହିପରି ଧୂଆଁ ଦ୍ୱାରା କୀଟପତଙ୍ଗ ମଧ ଧାନଗଛ ଛାଡି ଚାଲିଯାନ୍ତି । ଏ ସଂପର୍କରେ ଏକ ଲୋକଗୀତ ଅଛି ଯେ 'ପୁନେଇ ପଛକୁ ଆସେ ଉଆଁସ, ଧୁଆଁ ତଡିଦିଏ ମଶା ଡାଆଁଶ ।'

କାର୍ତ୍ତିକ ଅମାବାସ୍ୟା ଦିନ ଦୀପାବଳି ପର୍ବ ପାଳନ କରାଯାଏ । ଏହା ପଛରେ ଅନେକ ପୌରାଣିକ ଉପାଖ୍ୟାନ ରହିଛି । କେତେକଙ୍କ ମତରେ, ଏହିଦିନ ପ୍ରଭୁ ଶ୍ରୀରାମଚନ୍ଦ୍ର ରାବଣଙ୍କୁ ବଧ କରି ସୀତାଙ୍କ ସହିତ ଅଯୋଧ୍ୟାକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ସେଦିନ ଅଯୋଧ୍ୟାବାସୀ ଦ୍ୱାରେ ଦ୍ୱାରେ ଦୀପ ଜାଳି ସେମାନଙ୍କୁ ସ୍ୱାଗତ ଜଣାଇଥିଲେ । ଅନ୍ୟ ଏକ କିମ୍ବଦନ୍ତୀ ଅନୁସାରେ, ଏହି ଅମାବାସ୍ୟା ଦିନ ଭଗବାନ ଶ୍ରୀକୃଷ୍ଣ ନରକାସୁରକୁ ବଧ କରିଥିଲେ । ଦୀପାବଳି ଦିନ ପିତୃପୁରୁଷଙ୍କୁ ପିଣ୍ଡଦାନ ସହ ରାତିରେ ସେମାନଙ୍କୁ କାଉଁରିଆ କାଠି ଓ ଘିଅ ବଳିତାରେ ଅଗ୍ନି ସଂଯୋଗ କରି ଆହ୍ୱାନ କରାଯାଏ । ସେହିପରି ଏହି ମାସରେ ଆକାଶଦୀପ ଜାଳିବାର ବ୍ୟବସ୍ଥା ରହିଛି । ଏଥିରେ ମଧ ଅନେକ କୀଟ ପତଙ୍ଗ ଆକର୍ଷିତ ହୋଇ ମରିଥାନ୍ତି । ତେଣୁ ଧାନ ଫସଲର କ୍ଷତି କରୁଥିବା କୀଟପତଙ୍ଗ ଆଦିକୁ ମାରିବା ପାଇଁ ଏହା ଏକ ପ୍ରୟାସ । ଅନ୍ୟ ମତରେ ଓଡ଼ିଆ ସାଧବମାନଙ୍କ ପାଇଁ ଏହି ଆକାଶ ଦୀପ ବତିଘରର କାମ ଦେଉଥିଲା । ଦୀପାବଳି ଅମାବାସ୍ୟା ପର ଦିନଟିକୁ ଗିରିଗୋବର୍ଦ୍ଧନ ପୂଜା ଭାବେ ପାଳନ କରାଯାଏ । ଏହି ପୂଜାର ଅନ୍ତର୍ନିହିତ ଉଦ୍ଦେଶ୍ୟ ହେଉଛି ପାହାଡ଼ ପୂଜା ମାଧ୍ୟମରେ ଜୈବବିବିଧତା ସୁରକ୍ଷା କରିବା । କାରଣ ପାହାଡ଼ ପର୍ବତରେ ମୂଲ୍ୟବାନ ଗଛଲତା, ଜୀବଜନ୍ତୁ, ପଶୁପକ୍ଷୀମାନେ ରହିଥାନ୍ତି । ତେଣୁ ପରିବେଶର ସନ୍ତୁଳନ ରକ୍ଷା ପାଇଁ ଜୈବବିବିଧତାର ସୁରକ୍ଷା କରାଯିବା ନିତାନ୍ତ ଆବଶ୍ୟକ । ଅର୍ଥାତ୍ ତତ୍କାଳୀନ ସମାଜ ଚିନ୍ତକମାନଙ୍କର ଜୀବଜଗତ ଓ ଉଦ୍ଭିଦଜଗତକୁ ବଞ୍ଚାଇ ରଖିବାକୁ ଏହା ଏକ ଅଭିନବ ଚିନ୍ତାଧାରା । ସେହିପରି କାର୍ତ୍ତିକ ମାସର ଶୁକ୍ଳପକ୍ଷ ନବମୀ ତିଥିକୁ ଅଁଳା ନବମୀ ବ୍ରତ ଭାବେ ପାଳନ କରାଯାଏ । ଏହିଦିନ ଭକ୍ତମାନେ ପ୍ରାତଃ ସ୍ନାନକରି ଅଁଳା ବୃକ୍ଷକୁ ପୂଜା କରିବା ସହ ତା'ର ବେଢ଼ା ପରିକ୍ରମା କରନ୍ତି ଓ ବିଷ୍ଣୁ ମନ୍ଦିରମାନଙ୍କରେ ରାଧାପାଦ ଦର୍ଶନ କରିଥାନ୍ତି । ବିଶେଷତଃ ସାକ୍ଷୀଗୋପାଳ ସ୍ଥିତ ସାକ୍ଷୀ ଗୋପୀନାଥ ମନ୍ଦିରରେ ହଜାର ହଜାର ଭକ୍ତ ଏହି ଦିନ ରାଧାପାଦ ଦର୍ଶନ କରନ୍ତି । କିମ୍ବଦନ୍ତୀ ଅନୁସାରେ, ଏହିଦିନ ତ୍ରେତୟା ଯୁଗରେ ଭକ୍ତ ହନୁମାନ ମା' ସୀତାଙ୍କ ପାଦ ଦର୍ଶନ କରିଥିଲେ । ପୁନଶ୍ଚ ଦ୍ୱାପର ଯୁଗରେ ଏହିଦିନ ପ୍ରଭୁ ଶ୍ରୀକୃଷ୍ଣ ଶ୍ରୀରାଧାଙ୍କ ମାନଭଞ୍ଜନ କରି ତାଙ୍କ ପାଦରେ ଅଳତା ଲଗାଇଥିଲେ । ପ୍ରକୃତପକ୍ଷେ ଦୈତ୍ୟରାଜ ଜଳନ୍ଧରକୁ ବଧ କରିବା ପାଇଁ ବିଷ୍ଣୁ କପଟରେ ଜଳନ୍ଧରର ସ୍ତ୍ରୀ ମହାସତୀ ବୃନ୍ଦାବତୀଙ୍କ ସତୀତ୍ୱ ହରଣ କରିଥିଲେ । ଏହାଦ୍ୱାରା ସତୀ ବୃନ୍ଦାବତୀ ଅଗ୍ନିରେ ଝାସ ଦେବାଦ୍ୱାରା ବିଷ୍ଣୁ ଦୁଃଖରେ ଅତ୍ୟନ୍ତ ମ୍ରିୟମାଣ ହୋଇ ପଡିଥିଲେ । ଶେଷରେ ଦେବତାମାନଙ୍କ ସ୍ତୁତିରେ ଯୋଗମାୟା ବୃନ୍ଦାବତୀଙ୍କୁ ଉଦ୍ଧାର କରିଥିଲେ । ଏହାପରେ ବୃନ୍ଦାବତୀଙ୍କ ଆତ୍ମା ରଜଃ, ସତ୍ତ୍ୱ, ତମଃ ଗୁଣରୁ ମାଳତୀ ବୃକ୍ଷ ଉତ୍ପତ୍ତି ହେଲା । ଏହି ଅଁଳା ଓ ତୁଳସୀ ବିଷ୍ଣୁଙ୍କ ସେବାରେ ଓ ମାଳତୀ ବିଷ୍ଣୁଙ୍କ ଶୟନ ସେବାରେ ବ୍ୟବହୃତ ହେଲା । ପୁନଶ୍ଚ ପଦ୍ମପୁରାଣ ଉତ୍ତରାଖଣ୍ଡ କାର୍ତ୍ତିକ ମାହାତ୍ମ୍ୟରେ କୁହାଯାଇଛି ଯେ, ପ୍ରାତଃ ସ୍ନାନ ପରେ ବିଷ୍ଣୁଙ୍କ ନାମ ନେଇ ଅଁଳା ଜଳ ସିଞ୍ଚନ ଓ ସେବନ ଦ୍ୱାରା ମନୁଷ୍ୟର ସମସ୍ତ କଳୁଷ ଦୂରହୁଏ ଏବଂ ନିରୋଗ ଓ ସୁନ୍ଦର ରୁହେ । ଅନ୍ୟ ଏକ ଲୋକକଥା ଅନୁଯାୟୀ, ଥରେ ଲକ୍ଷ୍ମୀ ଓ ପାର୍ବତୀ ବଣଭୋଜି କରିବାକୁ ଯାଇଥିଲେ । ସେମାନେ ଖାଇବା ପୂର୍ବରୁ ଦେଖିଲେ ଭୁଲବଶତଃ ଲକ୍ଷ୍ମୀ ତୁଳସୀ ଓ ପାର୍ବତୀ ବେଲପତ୍ର ଛାଡି ଆସିଛନ୍ତି । ସେମାନେ ଚିନ୍ତିତ ହୋଇ ନାରଦଙ୍କୁ ସ୍ମରଣ କଲେ । ନାରଦଙ୍କ ପରାମର୍ଶରେ ଉଭୟ ତୁଳସୀ ଓ ବେଲପତ୍ରର ଗୁଣ ଅଛି ବୋଲି ଜାଣି, ଅଁଳା ଫଳ ସାହାଯ୍ୟରେ ଭୋଗଦେବା କାର୍ଯ୍ୟଟି ଚଳାଇଦେଲେ ।

ଉପରୋକ୍ତ ପୌରାଣିକ ଉପାଖ୍ୟାନମାନଙ୍କରୁ ସ୍ପଷ୍ଟ ଅନୁମିତ ହୁଏ ଯେ, ତୁଳସୀ ଏବଂ ବେଲପତ୍ର ଅତ୍ୟନ୍ତ ଉପାଦେୟ ଏବଂ ଏମାନଙ୍କର ଔଷଧୀୟ ଗୁଣଗୁଡିକ ବିଜ୍ଞାନସମ୍ମତ । ସେହିପରି ପହିଲି ଶୀତର ସ୍ପର୍ଶରେ ମନୁଷ୍ୟ ଶରୀରରେ ଅମ୍ଳ, ପିତ୍ତ, କୋଷ୍ଠକାଠିନ୍ୟ ଆଦି ରୋଗ ଦେଖାଯାଏ । ଏହି ସମୟରେ ଚର୍ମର ମସୃଣତା କମିଯିବା ସହ ଓଠ, ମୁହଁ, ପାଦ ଆଦି ଫାଟିପଡେ । ତେଣୁ ଅଁଳା ସେବନ ଦ୍ୱାରା ଏସବୁ ଶାରୀରିକ ରୋଗ, କ୍ଲେଶ, ଦୂରହୁଏ । କାରଣ ଅଁଳାରେ ପ୍ରଚୁର ପରିମାଣରେ ଭିଟାମିନ ସି ସହ ପ୍ରୋଟିନ, କ୍ୟାଲସିୟମ, ଫସଫରସ, ଆଇରନ, ଲବଣ, କାର୍ବୋହାଇଡ୍ରେଟ ଆଦି ରହିଥାଏ । ପୁନଶ୍ଚ ବୃଦ୍ଧବୃଦ୍ଧାଙ୍କ ଥଣ୍ଡା, କାଶ, ବାତ ଆଦି ଦୂର ହେବାରେ ଏହା ସହାୟକ ହୁଏ । ଏବେ କାର୍ତ୍ତିକ ପୂର୍ଣ୍ଣମୀ କଥା ବିଚାର କରାଯାଇପାରେ । ଓଡ଼ିଆ ଜାତିର ଅତୀତ ନୌବାଣିଜ୍ୟର ଏହା ପ୍ରତୀକ । ଏହିଦିନ ପାହାନ୍ତାରୁ କଦଳୀପଟୁକା, କାଗଜଡଙ୍ଗା ଭସାଇ ଆମେ ସ୍ମରଣ କରୁ ଏ ଜାତିର ବିଗତ ଐତିହ୍ୟ ଓ ପରମ୍ପରାକୁ । ଅତୀତରେ ଆମର ପୂର୍ବସୁରୀମାନେ ବାଲି, ଜାଭା, ସୁମାତ୍ରା, ସିଂହଳ ଆଦି ଦ୍ୱୀପରେ ବାଣିଜ୍ୟ କରି ଏ ରାଜ୍ୟକୁ ଧନଧାନ୍ୟରେ ପରିପୂର୍ଣ୍ଣ କରିଥିଲେ । କାର୍ତ୍ତିକ ପୂର୍ଣ୍ଣିମାର ଏହି ଡଙ୍ଗାଭସା କାର୍ଯ୍ୟଟି ତା'ର ମୂକସାକ୍ଷୀ । ତେଣୁ କାର୍ତ୍ତିକ ମାସର ପର୍ବପର୍ବାଣୀ, ଓଷା, ବ୍ରତ ଯେ କେବଳ ଲୋକକଥା, କିମ୍ବଦନ୍ତୀ, ଅନ୍ଧବିଶ୍ୱାସ ଓ ପୌରାଣିକ ଉପାଖ୍ୟାନ ଉପରେ ଆଧାରିତ ତାହା ନୁହେଁ ଏଗୁଡିକ ବୈଜ୍ଞାନିକ କାରଣ ସଂଶ୍ଲିଷ୍ଟ, ଯାହାକି ଋତୁଚକ୍ରର ଆବର୍ତ୍ତନରେ ସ୍ୱାସ୍ଥ୍ୟ ସୁରକ୍ଷା, ଫସଲ ସୁରକ୍ଷା, ନୀତିନିଷ୍ଠ ଜୀବନଯାପନରେ ସହାୟକ ହୁଏ ।

# ରାବଣର ଭିନ୍ନ ଏକ ପରିଚୟ



## ଡକ୍ଟର ପ୍ରମୋଦ କୁମାର ପଣ୍ଡା

**ବୈ**କୁଣ୍ଠାଧିପତି ଭଗବାନ ବିଷ୍ଣୁଙ୍କ ଦ୍ୱାରପାଳ ଜୟ ଓ ବିଜୟ ସନକାଦିକ ଚାରି ଚିରକୁମାରଙ୍କ ଅଭିଶାପରେ ସତ୍ୟରେ ହିରଣ୍ୟକଶ୍ୟପୁ ଓ ହିରଣାକ୍ଷ୍, ତ୍ରେତୟାରେ ରାବଣ ଓ କୁମ୍ଭକର୍ଣ୍ଣ ଓ ଦ୍ୱାପରରେ ଶିଶୁପାଳ ଓ ଦନ୍ତବକ୍ର ରୂପେ ଜନ୍ମିଥିବା କଥା ପ୍ରାୟତଃ ସମସ୍ତେ ଜାଣନ୍ତି । କିନ୍ତୁ ପୂର୍ବଜନ୍ମରେ କୁଳୀନ ରାଜବଂଶରେ ଜନ୍ମିତ ରାବଣ ପରଜନ୍ମରେ କିଭଳି ଓ କାହିଁକି ରାକ୍ଷସକୂଳରେ ଜନ୍ମହେଲା ତାପଛର ରହାସ୍ୟାବୃତ ରୋଚକ କାହାଣୀ ଅନେକଙ୍କୁ ଜଣାନାହିଁ । ଆଜିର ଆଲେଖ୍ୟ ରାବଣର ସେହି ଭିନ୍ନ ପରିଚୟ ଉପରେ ପର୍ଯ୍ୟବେସିତ, ଶ୍ରୀରାମଚରିତମାନସ ଆଧାରିତ ।

ପ୍ରାଚୀନ କାଳର କଥା । କୈକୟ ନାମକ ଏକ ବହୁତ ସୁନ୍ଦର ରାଜ୍ୟରେ ରାଜା ସତ୍ୟକେତୁ ରାଜତ୍ୱ କରୁଥିଲେ । ତାଙ୍କର ଦୁଇ ପୁତ୍ର । ବଡ଼ ପ୍ରତାପଭାନୁ ଓ ସାନ ଅରିମର୍ଦ୍ଦନ । ସୁରବୀର ପ୍ରବଳପ୍ରତାପୀ । ଧର୍ମପରାୟଣ ଓ ପ୍ରଜାବତ୍ସଳ । ଉଚିତ ସମୟ ଦେଖି ରାଜା ସତ୍ୟକେତୁ ତାଙ୍କର ପ୍ରଥମ ଉତ୍ତରାଧିକାରୀ ପ୍ରତାପଭାନୁଙ୍କୁ ରାଜା ଘୋଷିତ କଲେ । ତାଙ୍କ ହାତରେ ରାଜ୍ୟଭାର ଅର୍ପଣକରି ସ୍ୱୟଂ ତପସ୍ୟା କରିବାକୁ ବଣକୁ ଗମନ କଲେ । ସୁଶାସନ ଯୋଗୁଁ ଅଳ୍ପଦିନ ମଧ୍ୟରେ ରାଜା ପ୍ରତାପଭାନୁଙ୍କ ପତିଆରା ବଢ଼ିବାରେ ଲାଗିଲା । ରାଜ୍ୟର ସମସ୍ତ ପ୍ରଜା ତାଙ୍କର ଗୁଣଗାନ ଜୟଜୟକାର କଲେ । ସୁଖ ସମ୍ପଦରେ ସାରା ରାଜ୍ୟ ହସିଉଠିଲା । ପ୍ରଜା ଖୁସିରେ କାଳାତିପାତ କଲେ ।

କୁହାଯାଏ ଆବଶ୍ୟକତା ଅପେକ୍ଷା ଅଧିକ ସତ୍ତା, ଶକ୍ତି ଓ ସ୍ନେହ ପ୍ରାପ୍ତ ହେଲେ ମଣିଷ ଅହଙ୍କାରୀ ହୋଇଯାଏ । ତା ମନରେ ଲାଳସା ଓ ଲୋଭ ଜାଗ୍ରତ ହୁଏ । ରାଜା ପ୍ରତାପଭାନୁ କ୍ଷେତ୍ରରେ ମଧ ଠିକ ସେଇୟା ହେଲା । ସାମ୍ରାଜ୍ୟ ବିସ୍ତାର କରିବାର ଦୁର୍ବାର ଲାଳସା ଜାଗିଲା । ନିଜର ବିଶାଳ ସେନା ସହିତ ସେ ଦିଗବିଜୟରେ ବାହାରିଲେ । ଯେଉଁ ରାଜା ତାଙ୍କର ଅଧୀନତା ସ୍ୱୀକାର କଲେ ତାଙ୍କର ପ୍ରାଣ ବଞ୍ଚିଲା । ଅନ୍ୟଥା ତାଙ୍କ ସହ ଯୁଦ୍ଧକରି ବୀରଗତିକୁ ପ୍ରାପ୍ତ ହେଲେ । ସେମାନଙ୍କ ରାଜ୍ୟ କୈକୟ ରାଜ୍ୟରେ ବିଲୀନ ହେଲା । ପ୍ରତାପଭାନୁ ରାଜାରୁ ସାମ୍ରାଜ୍ୟାଧିକାରୀ ହେଲେ । ସମ୍ରାଟ ବୋଲାଇଲେ । ଜଣେ ରାଜା ପ୍ରତାପଭାନୁଙ୍କ ସହ ଯୁଦ୍ଧ କରି ପରାଜିତ ହେଲେ । କିନ୍ତୁ ତାଙ୍କୁ ତାଙ୍କର ବଶତା ସ୍ୱୀକାର ନଥିଲା । କୌଶଳକ୍ରମେ ଖସିପଳେଇଲେ । ପୈତୃକ ପ୍ରାଣଟି ବଞ୍ଚିଗଲା । ପ୍ରତିଶୋଧ ନେବାପାଇଁ ସୁଯୋଗ ଅପେକ୍ଷାରେ ଜଙ୍ଗଲରେ ଛପି ରହିଲେ ।

ଥରେ ସମ୍ରାଟ ପ୍ରତାପଭାନୁ ଶିକାର ଉଦ୍ଦେଶ୍ୟରେ ଜଙ୍ଗଲକୁ ବାହାରିଲେ । ଶିକାର ଖୋଜୁଖୋଜୁ ହାଠାତ ତାଙ୍କର ଦୃଷ୍ଟି ଏକ ଅଦ୍ଭୁତ ଶୁଅର ଉପରେ ପଡିଲା । ଦେଖିବାକୁ ବିଚିତ୍ର ଏବଂ ଭୟଙ୍କର । ସମ୍ରାଟ ତାର ପିଛା କରିବାକୁ ଲାଗିଲେ । ସାରାଦିନର ଲୁଚକାଳି ଖେଳ ମଧ୍ୟରେ ଶୁଅରଟି ଘନଘୋର ଜଙ୍ଗଲର ଏକ ଗୁମ୍ଫା ଭିତରେ ପ୍ରବେଶକରି ଅଦୃଶ୍ୟ ହୋଇଗଲା । ପ୍ରତାପଭାନୁ ଗୁମ୍ଫା ଭିତରକୁ ପ୍ରବେଶ କରିବାକୁ ଉଚିତ ମନେକଲେ ନାହିଁ । ଅଗତ୍ୟା ପ୍ରତ୍ୟାବର୍ତ୍ତନ କରିବାକୁ ଲାଗିଲେ । ଅପିତୁ ସେ ଜଙ୍ଗଲ ଭିତରେ ରାସ୍ତା ଭୂଲି ଯାଇଥିଲେ । ସନ୍ଧ୍ୟା ସମୟ । ପାଖରେ ଏକ ସନ୍ୟାସୀଙ୍କ କୁଟୀର ତାଙ୍କ ନଜରକୁ ଅସିଲା । ତୃଷାରେ ତାଙ୍କ ଗଳା ଶୁଖିଯାଉଥିଏ । କୁଟୀରରେ ପହଞ୍ଚି ପିଇବାକୁ ପାଣି ମାଗିବାରୁ ସନ୍ୟାସୀ ନିକଟସ୍ଥ ପୋଖରୀ ଆଡକୁ ଇଙ୍ଗିତ କଲେ । ତୃଷା ନିବାରଣ ଉପରାନ୍ତେ ସମ୍ରାଟ ସନ୍ୟାସୀଙ୍କ ପାଖରୁ ବିଦାୟାନୁମତି ମାଗନ୍ତେ ସନ୍ୟାସୀ କହିଲେ ରାତି ହେବାକୁ ଯାଉଛି । ଅଗମ୍ୟାରଣ୍ୟ । ରାସ୍ତାବି ସରଳ ନୁହଁ । ତାଙ୍କ କୁଟୀରରେ ରାତ୍ରିଯାପନ କରି ପ୍ରାତଃ ଫେରିବାକୁ ଉପଦେଶ ଦେଲେ । ପ୍ରତାପଭାନୁ ବିକଳ୍ପଶୁନ୍ୟ ଥିଲେ । କୁଟୀରରେ ରାତ୍ରିଯାପନ ପାଇଁ ସମ୍ମତି ଜଣେଇଲେ । ସିଦ୍ଧ ସନ୍ୟାସୀଙ୍କୁ ତାଙ୍କ ଆତିଥେୟତା, ସହଯୋଗ ଏବଂ ମାର୍ଗଦର୍ଶନ ସକାଶେ କୃତଜ୍ଞତା ଜ୍ଞାପନ କଲେ ।

ଅଳ୍ପ ସମୟ ପରେ ଉଭୟଙ୍କ ମଧ୍ୟରେ ବାର୍ତ୍ତାଳାପ ଆରମ୍ଭ ହେଲା । ସନ୍ୟାସୀ ପ୍ରତାପଭାନୁଙ୍କ ପରିଚୟ ଜାଣିବାକୁ ଚାହିଁଲେ । ନିଜର ପରିଚୟ ଗୁପ୍ତ ରଖି ପ୍ରତାପଭାନୁ କହିଲେ ସେ ସମ୍ରାଟ ପ୍ରତାପଭାନୁଙ୍କ ମନ୍ତ୍ରୀ । ଏହା ଶୁଣି ସନ୍ୟାସୀ ସ୍ମିତ ହସି କହିଲେ ରାଜନ ମୁଁ ତ୍ରିକାଳଦର୍ଶୀ । ଭୂତ ଭବିଷ୍ୟତ ବର୍ତ୍ତମାନ ଜ୍ଞାତା । ସୃଷ୍ଟି ଉତ୍ପତ୍ତି ସହିତ ମୋର ଉତ୍ପତ୍ତି । ସେହିଦିନଠୁ ମୋର ଶରୀର ଅପରିବର୍ତ୍ତିତ ରହିଛି । ମୁଁ ଏକତନୁଧାରୀ । ନାମ ଏକତନୁ । ତୁମେ ପ୍ରତାପଭାନୁଙ୍କ ମନ୍ତ୍ରୀ ନୁହଁ । ତୁମେ ସ୍ୱୟଂ ନିଜେ ହିଁ ପ୍ରତାପଭାନୁ । କୈକୟରାଜ ସତ୍ୟକେତୁ ପୁତ୍ର । ଅରିମର୍ଦ୍ଦନର ଜ୍ୟେଷ୍ଠ ଭ୍ରାତା । ସିଦ୍ଧି ବଳରେ ତୁମର ଅତୀତ, ଭବିଷ୍ୟତ ଓ ବର୍ତ୍ତମାନ ମତେ ସବୁ ଜ୍ଞାତ । କିନ୍ତୁ କେବଳ ଅତୀତ କହିପାରିବି । କାରଣ ଭବିଷ୍ୟବାଣୀ କରିବା ସୃଷ୍ଟିର ନିୟମବିରୁଦ୍ଧ । ସମ୍ରାଟ ସନ୍ୟାସୀଙ୍କ କଥାରେ ସମ୍ପୂର୍ଣ୍ଣ ବଶିଭୂତ ହୋଇ ସାରିଥିଲେ । ତାଙ୍କ ଚରଣ ସ୍ପର୍ଶ କରି ନିଜକୁ ସନ୍ୟାସୀଙ୍କୁ ସମର୍ପିତ କଲେ । ପ୍ରୀତ ହୋଇ ସନ୍ୟାସୀ ବର ମାଗିବାକୁ କହିବାରୁ ସମ୍ରାଟ ସେ କେବେ ବୃଦ୍ଧ ହେବେ ନାହିଁ, ତାଙ୍କୁ କେବେ କେହି କୌଣସି ଯୁଦ୍ଧରେ ପରାସ୍ତ କରି ପାରିବେ ନି ଓ ସେ ସଦାକାଳ ପାଇଁ ଅମର ରହିବାର ବର ଯାଚନା କଲେ । ସନ୍ୟାସୀ କହିଲେ ଅମରତ୍ୱ ପାଇଁ ମୋ ପାଖେ ଅନେକ ସିଦ୍ଧି ରହିଛି । ଅଥଚ ସେସବୁ ଅତ୍ୟନ୍ତ କଠିନ । କଣ୍ଟକମୟ, ପୀଡାଦାୟକ । ହଁ, ଗୋଟିଏ ସରଳ ରାସ୍ତା ଅଛି । କିନ୍ତୁ ତାହା ମୋ ପକ୍ଷେ ସମ୍ଭବ ନୁହଁ । ମୋରି ସହାୟତାରେ ତୁମେ ତାକୁ କରିପାରିବ । ଉତ୍ସୁକତା ସହକାରେ ସମ୍ରାଟ ସହଜ ସିଦ୍ଧି ସମ୍ପର୍କରେ ଅବଗତ ହେବାକୁ ଚାହିଁଲେ । ସନ୍ୟାସୀ କହିଲେ ଅମରତ୍ୱ ପାଇଁ ବ୍ରାହ୍ମଣଙ୍କୁ ତୃପ୍ତ କରିବାକୁ ପଡ଼ିବ । ତାଙ୍କୁ ନିଜ ଅଧୀନରେ ରଖିବାକୁ ହେବ । କାରଣ ବ୍ରାହ୍ମଣଙ୍କ ଅଭିଶାପ ବ୍ୟର୍ଥ ଯାଏନି । ସେମାନେ ତୁମର ଅଧୀନତା ସ୍ୱୀକାର କଲେ କଦାପି ଅଭିଶାପ ଦେବାର ଦୁଃସାହସ କରିବେନି । ତୁମେ ଅମରତ୍ୱ ଲାଭ କରିପାରିବ । ଏଥିପାଇଁ ପ୍ରତିଦିନ ଲକ୍ଷେ ବ୍ରାହ୍ମଣଙ୍କୁ ସପରିବାର ବର୍ଷେ ପର୍ଯ୍ୟନ୍ତ ଭୋଜନ ଦେଇ ତୃପ୍ତ କରିବାକୁ ହେବ । ଅବଶିଷ୍ଟ ବିଧି ତମ ରାଜପୁରୋହିତ ବେଶରେ ମୁଁ ତୁମକୁ ତିନିଦିନ ପରେ ରାଜମହଲରେ କହିବି । ମୋର ସିଦ୍ଧି ବଳରେ ଆଜି ରାତିରେ ମୁଁ ତମକୁ ତମ ଅଜାଣତରେ ରାଜମହଲରେ ପହଞ୍ଚାଇ ଆସିବି । ପ୍ରାତଃକାଳରେ ତୁମେ ତମକୁ ତମ ଶୟନକକ୍ଷରେ ପାଇବ । ସିଦ୍ଧି ବଳରେ ରାଜ ପୁରୋହିତଙ୍କୁ ମୋ କୁଟୀରକୁ ଘେନିଆସିବି । ବର୍ଷେ ପର୍ଯ୍ୟନ୍ତ ସେ ଏଠି ଅବସ୍ଥାନ କରିବେ । ତାଙ୍କୁ କିଛି ଜ୍ଞାତ ରହିବନାହିଁ । ତାଙ୍କରି ଛଦ୍ମ ବେଶରେ ମୁଁ ରାଜଉଆସରେ ପ୍ରବେଶ କରିବି । କାରଣ ସନ୍ୟାସୀ ବେଶରେ ନଗରରେ ପ୍ରବେଶ ମୋ ପାଇଁ ବର୍ଜିତ ଅଟେ । ଏକଥା ଆମ ଦିଜଣଙ୍କ ବ୍ୟତିରେକ ଅନ୍ୟ କେହି ଜାଣିବା ଅନୁଚିତ । ଅନ୍ୟଥା ସିଦ୍ଧି ସଫଳ ହେବନି, ଅସଫଳ ଯିବ ।

ପରଦିନ ପ୍ରାତଃ ସମ୍ରାଟ ନିଜକୁ ନିଜ ଶୟନକକ୍ଷରେ ଆବିଷ୍କୃତ କରନ୍ତି । ତିନିଦିନ ଅତିକ୍ରାନ୍ତ ଅନ୍ତେ ଛଦ୍ମବେଶୀ ପୁରୋହିତ ଅର୍ଥାତ ସିଦ୍ଧ ସନ୍ୟାସୀ ରାଜମହଲରେ ଆବିର୍ଭୁତ ହୁଅନ୍ତି । ସମ୍ରାଟଙ୍କୁ ସମସ୍ତ ବିଷୟ ଅମୂଳଚୂଳ ବର୍ଣ୍ଣନା କରନ୍ତି । ତାଙ୍କରି ଉପଦେଶାନୁସାରେ ବ୍ରାହ୍ମଣ ଭୋଜର ଆୟୋଜନ ହୁଏ । ଲକ୍ଷେ ବ୍ରାହ୍ମଣଙ୍କୁ ସପରିବାର ଆମନ୍ତ୍ରଣ କରାଯାଏ । ଖାଦ୍ୟ ପ୍ରସ୍ତୁତି ସକାଶେ ଅଭିଜ୍ଞ ବ୍ରାହ୍ମଣ ପାଚକ ନିଯୁକ୍ତ ହୁଅନ୍ତି । ନିର୍ଦ୍ଦିଷ୍ଟ ଦିନ ଛଅପ୍ରକାର ରସ, ଚାରିପ୍ରକାର ଭୋଜନ ଓ ନାନାଦି ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ ହେଲା । ସମ୍ରାଟ ପ୍ରତାପଭାନୁ ବ୍ରାହ୍ମଣମାନଙ୍କୁ ଶ୍ରଦ୍ଧା ସହକାରେ ଭୋଜ ପରଶିବାରେ ଲାଗିଲେ । ବ୍ରାହ୍ମଣମାନେ ଖାଦ୍ୟ ଗ୍ରହଣ କରିବାକୁ ଉଦ୍ୟତ ହୁଅନ୍ତେ ହଠାତ ଆକାଶବାଣୀ ହେଲା । ଅପେକ୍ଷା କରନ୍ତୁ, କେହି ଭୋଜନ ଗ୍ରହଣ କରନ୍ତୁ ନାହିଁ । ଏହି ଭୋଜନରେ ନାନାଦି ମାଂସ ସମେତ ବ୍ରାହ୍ମଣ ମାଂସ ମଧ ମିଶିଛି । ଖାଦ୍ୟ ଗ୍ରହଣ କରି ନିଜର ଧର୍ମ ନଷ୍ଟ କରନ୍ତୁନାହିଁ । ଆକାଶବାଣୀ ଶୁଣି ବ୍ରାହ୍ମଣଙ୍କ ରାଗ ପଞ୍ଚମରେ । ଏପଟେ ସମ୍ରାଟ ପ୍ରତାପଭାନୁ କିଛି ବୁଝିପାରୁ ନ ଥାନ୍ତି । ନିର୍ବାକ ହତଭମ୍ବ । ପାଟିରୁ କଥା ବାହାରୁ ନ ଥାଏ । କୋପେ ଜର୍ଜରିତ ବ୍ରାହ୍ମଣ ସମ୍ରାଟଙ୍କୁ ଅଭିଶାପ ଦେଲେ । ଭୋଜନ ପରଶିବା ପୂର୍ବରୁ ତାର ଶୁଦ୍ଧତା ଓ ପବିତ୍ରତା ରାଜାଙ୍କୁ ନିଶ୍ଚିତ କରିବାର ଉଚିତ ଥିଲା । ସେଥିରେ ସେ ଅସଫଳ ହୋଇଛନ୍ତି । ନୈଷ୍ଠିକ ବ୍ରାହ୍ମଣଙ୍କୁ ଭ୍ରଷ୍ଟ ହେବାର ଅପଚେଷ୍ଟା କରିଛନ୍ତି । ରାକ୍ଷସ ଆହାର ପରଶିଛନ୍ତି । ତେଣୁ ଆସନ୍ତା ଜନ୍ମରେ ସେ ରାକ୍ଷସ ରୂପେ ଜନ୍ମ ନେବେ । ତାଙ୍କ ବଂଶର ସମସ୍ତେ ରାକ୍ଷସ ହେବେ । ସମ୍ରାଟ କିଂ କର୍ତ୍ତବ୍ୟ ବିମୂଢ଼ । ସିଧା ଧାଇଁଲେ ପାକଶାଳାକୁ । ଆଶ୍ଚର୍ଯ୍ୟ ନା ସେଠି ଖାଦ୍ୟ ଅଛି ନା ପାଚକ ନା ସିଦ୍ଧ ସାଧୁ । ବାସ୍ତବରେ ବଣରେ ଯେଉଁ ସାଧୁଙ୍କ ସହିତ ପ୍ରତାପଭାନୁର ସାକ୍ଷାତ ହୋଇଥିଲା ସେ ଥିଲା ସେହି ରାଜା ଯିଏ ପ୍ରତାପଭାନୁ ସହ ଯୁଦ୍ଧ କରି ପରାଜିତ ହୋଇଥିଲା । ନିଜ ରାଜ୍ୟ ହରାଇଥିଲା । ନିଜ ପ୍ରାଣରକ୍ଷା କରିବାରେ ସଫଳ ହୋଇଥିଲା । ଷ ମାୟାବୀ ଶୁଅର ରୂପ ଧାରଣ କରି ରଜା ପ୍ରତାପଭାନୁଙ୍କୁ ଯିଏ ଭ୍ରମିତ କରିଥିଲା ସିଏ ଥିଲା ସେହି ପରାଜିତ ରାଜାର ମିତ୍ର କାଳକେତୁ । ଉଭୟେ ପ୍ରତାପଭାନୁ ବିରୁଦ୍ଧରେ ଷଡଯନ୍ତ୍ର ରଚିଥିଲେ । ପ୍ରତାପଭାନୁଙ୍କୁ ରାଜନଅର ପହଞ୍ଚାଇବା, ରାଜପୁରୋହିତଙ୍କୁ ହରଣ କରିବା, ଛଦ୍ମବେଶରେ କୈକୟ ରାଜ୍ୟରେ ପ୍ରବେଶ କରିବା, ଶୁଦ୍ଧ ଶାକାହାରୀ ଭୋଜନରେ ଆମିଷାଦି ଅଖାଦ୍ୟ ମିଶାଇ ଅଶୁଦ୍ଧ ଅପବିତ୍ର କରିବା ସବୁକିଛି ଥିଲା ତାରି ଖେଳ । ପ୍ରତାପଭାନୁ ପୂର୍ବରୁ ତାର ଦଶ ଭାଇ ଓ ପୁତ୍ରମାନଙ୍କୁ ହତ୍ୟା କରିଥିବାରୁ ପ୍ରତିଶୋଧ ନେବା ପାଇଁ ସିଏ ମଧ ଥିଲା ସୁଯୋଗ ଅପେକ୍ଷାରେ । ପ୍ରତାପଭାନୁ ଶାପଗ୍ରସ୍ତ ହେବା ପରେ ଉଭୟେ ସମସ୍ତ ପରାଜିତ ରାଜାଙ୍କୁ ପତ୍ର ଲେଖି ଏକତ୍ରିତ କଲେ । କୈକେୟ ଉପରେ ଅତର୍କିତ ଆକ୍ରମଣ କଲେ । ଯୁଦ୍ଧରେ ପ୍ରତାପଭାନୁ ଭାଇ ଅରିମର୍ଦ୍ଦଦନ, ପୁତ୍ର ଓ ସହଯୋଗୀଙ୍କ ସହିତ ବୀରଗତିକୁ ପ୍ରାପ୍ତ ହଲେ । କଳାନ୍ତରେ ଅଭିଶପ୍ତ ରଜା ପ୍ରତାପଭାନୁ ରାବଣ, ଅରିମର୍ଦ୍ଦଦନ କୁମ୍ଭକର୍ଣ୍ଣ, ମନ୍ତ୍ରୀ ଧର୍ମରୁଚି ବିଭୀଷଣ ଏବଂ ପରିବାରର ସମସ୍ତ ସଦସ୍ୟ କୌଣସି ନା କୌଣସି ରାକ୍ଷସ ରୂପେ ଜନ୍ମ ନେଇଥିଲେ ।

**ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ,**
**ସମ୍ବଲପୁର**

### ଆଜିର ଚିନ୍ତନ

ଏ ମଣିଷ ଶରୀରରେ ଅନେକ ଅନ୍ତର୍ନିହିତ ଶକ୍ତିରହିଛି ମାତ୍ର ଆମେ ସମସ୍ତେ ସେ ବିଷୟ ରେ ଅନଭିଜ୍ଞ । ଯେକୌଣସି ସଂଘର୍ଷମୟ ପରିସ୍ଥିତିରୁ ବାହାରି ଆସିବାର ଶକ୍ତି ଆମ ଭିତରେ ଅଛି, କିନ୍ତୁ ଆମେ ସେ ଶକ୍ତିର ଉପଯୋଗ ନ କରି ବିପଦରେ ପଡିଛି, ହେ ପ୍ରଭୁ! ରକ୍ଷାକର ବୋଲି ପ୍ରାର୍ଥନା କରୁ । ଆମେ ନିଜ ଭିତରେ ଥିବା ଶକ୍ତିକୁ ଉଜାଗର କରି ନିଜକୁ ସୁଦୃଢ କରିବା ଦରକାର । ଆମେ ନିଜର ଇଚ୍ଛା ଶକ୍ତିକୁ ଆହୁରି ସଶକ୍ତ କରିବା ଲୋଡ଼ା । ଏଥିପାଇଁ କୌଣସି ଅର୍ଥ, ଶିକ୍ଷା କି, ବାହ୍ୟ ସହଯୋଗର ଆବଶ୍ୟକତା ନାହିଁ । କେବଳ ଆମର ମାନସିକତାରେ ପରିବର୍ତ୍ତନ ଆଣିବା ଆବଶ୍ୟ । ଦୃଢ଼ ମନୋବଳ ନେଇ ନିରନ୍ତର ପ୍ରୟାସ କରି ଯେକୌଣସି କାର୍ଯ୍ୟ ହାସଲ କରିବାକୁ ନିଷ୍ପତ୍ତି ନେଲେ ଏ ପୃଥିବୀର କୌଣସି ଶକ୍ତି ଆମକୁ ସେଥିରୁ ନିବୃତ୍ତ କରି ପାରିବ ନାହିଁ । ତାହା ହିଁ ଦୃଢ଼ ମାନସିକତା । ତା'କୁ ଆମେ ଚିହ୍ନିବା ଦରକାର । ରାମାୟଣରେ ସମୁଦ୍ର ଲଂଘିବା ପାଇଁ ନିଜର ଅସାମର୍ଥ୍ୟ ପ୍ରକଟ କରି ମହାବୀର ହନୁମାନ ଦିନେ ଅସହାୟ ହୋଇପଡିଥିବା ସମୟରେ ମନ୍ତ୍ରୀ ଜାମ୍ବବାନ ହନୁମାନଙ୍କୁ ନିଜର ଅନ୍ତର୍ନିହିତ ଶକ୍ତିକୁ ଜାଗ୍ରତ କରିବାକୁ ପରାମର୍ଶ ଦେଇଥିଲେ । ତା'ପରେ ହନୁମାନ ସେହି ଶକ୍ତିକୁ ଉଜାଗର କରି ଅକ୍ଳେଶରେ ସାଗର ଲଂଘି ଯାଇଥିଲେ । ସେମିତି ଆମକୁ ଆମର ଅନ୍ତଃମନକୁ ଶୁଦ୍ଧ କରି ଜାଗ୍ରତ କରିବାକୁ ପଡିବ । ତା' ପରେ ଆଉ କୌଣସି ବାଧାବିଘ୍ନ ଆମକୁ ଆମ ଲକ୍ଷ୍ୟ ହାସଲ କରିବାରୁ ବିଚ୍ୟୁତ କରି ପାରିବ ନାହିଁ । ତେଣୁରେ ଆତ୍ମନ ! ନିଦ୍ରା ପରିହାର କରି ଉଠ । ଜାଗ୍ରତ ହୁଅ ।

# ରୋଗପ୍ରତିରୋଧକ ଶକ୍ତି ବଢ଼ାଏ ବରକୋଳି

**ବ**ରକୋଳିରେ ରହିଛି ଅନେକ ପ୍ରକାର ଔଷଧୀୟ ଗୁଣ । ଏହା ଶରୀରକୁ ସୁସ୍ଥ ରଖିବା ସହ ଆବଶ୍ୟକ ମାତ୍ରାରେ ପାଣି ଶରୀରକୁ ଯୋଗାଇ ଥାଏ । ଶରୀରରେ ରକ୍ତ ପ୍ରବାହକୁ ନିୟନ୍ତ୍ରଣ କରିଥାଏ । କେବଳ ଏତିକି ନୁହେଁ ବରକୋଳିରେ ମଧ ଅନ୍ୟାନ୍ୟ ବହୁ ପ୍ରକାରର ଔଷଧୀୟ ଗୁଣ ରହିଛି ଯାହା ଶରୀରକୁ ବିଭିନ୍ନ ଉପାୟରେ ସୁସ୍ଥ ରଖିଥାଏ ।

**ଆଣ୍ଟିଅକ୍ସିଡାଣ୍ଟ ଗୁଣ :** ବରକୋଳିରେ ପ୍ରଚୁର ମାତ୍ରାରେ ଆଣ୍ଟିଅକ୍ସିଡାଣ୍ଟ ଗୁଣ ରହିଛି । ଏହା ତ୍ୱଚାକୁ ସଫା କରିବା ସହ ଆଣ୍ଟିଏଜିଂରୁ ଦୁରେଇ ରଖେ । ଏହା ରକ୍ତକୁ ଶୁଦ୍ଧ କରିଥାଏ । ସନବର୍ଣ୍ଣ, ଶୁଖିଲା ତ୍ୱଚା କିମ୍ବା ସଂକ୍ରମଣ ହୋଇ ତ୍ୱଚା ଲାଲ୍ ପଡିଯାଇଥିଲେ ଚାଇନିଜମାନେ ଏହାକୁ ଏକ ହର୍ବାଲ ଔଷଧୀ ଭାବରେ ବ୍ୟବହାର କରନ୍ତି ।

**ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି :** ବରକୋଳି ଖାଇବା ଦ୍ୱାରା ଏଥିରେ ଥିବା ଆଣ୍ଟି ଅକ୍ସିଡାଣ୍ଟ ଗୁଣ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ସହ ଶରୀରକୁ ବିଭିନ୍ନ ପ୍ରକାର ସଂକ୍ରମଣରୁ ରକ୍ଷା କରିଥାଏ ।

**ସୁସ୍ଥ ଲିଭର :** ବରକୋଳିରେ ଆଣ୍ଟି ଅକ୍ସିଡାଣ୍ଟ ଗୁଣ ଥିବାରୁ ଏହା ଲିଭରକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ । ଏତଦ୍‌ବ୍ୟତୀତ ଏହାର ଆଣ୍ଟି ଅକ୍ସିଡାଣ୍ଟ ଗୁଣ ଶରୀରର ମୁକ୍ତ କଣାକୁ ଆକର୍ଷିତ କରିବା ସହ ଲିଭର ଉପରେ ପଡୁଥିବା ପ୍ରଭାବକୁ ପ୍ରତିରୋଧ କରିଥାଏ ।

**ଓଜନ ନିୟନ୍ତ୍ରଣ :** ଓଜନ କମ୍ କରିବାକୁ ଚାହୁଁଥିଲେ ବରକୋଳି ଏକ ଉତ୍ତମ ଫଳ । ଏଥିରେ କ୍ୟାଲୋରୀର ମାତ୍ରା ବହୁ କମ୍ ପରିମାଣରେ ଥିବା ବେଳେ ଫ୍ୟାଟର ମାତ୍ରା ମଧ କମ୍ ରହୁଛି । ପ୍ରତି ୪ ଟି ବରକୋଳିରେ ୧/୨ ଗ୍ରାମ୍‌ର ପ୍ରୋଟିନ ଶରୀରକୁ ମିଳିଥାଏ । ସେଓ ଭଳି ଏହାକୁ ପ୍ରତିଦିନ ଗୋଟାଏ ଲେଖାଏଁ ଖାଇବା ଦ୍ୱାରା ଏହା ଡାଏଟ୍ କଣ୍ଟ୍ରୋଲ କରିବା ସହ ଅଣ୍ଟାରୁ



ଚର୍ବି କମ୍ କରିଥାଏ ।

**ମଜଭୁତ ଦାନ୍ତ, ହାଡ଼ ଏବଂ ମାଂସପେଶୀ :** ବରକୋଳିରେ ପ୍ରଚୁର ମାତ୍ରାରେ ଫସ୍‌ଫରସ, କ୍ୟାଲସିୟମ ଏବଂ ଆଇରନ ରହିଛି । ଏହା ହାଡ଼ ସହିତ ଦାନ୍ତକୁ ବି ମଜଭୁତ କରିଥାଏ । ମାଂସପେଶୀକୁ ସୁସ୍ଥ ରଖିବାରେ ମଧ ଏହା ସହାୟକ ହୋଇଥାଏ ।

ସ୍ୱୀକାର
ବର୍ଷ ୨୯, ସଂଖ୍ୟା - ୪୨, ୧୯ - ୨୫ ଅକ୍ଟୋବର ୨୦୨୫

# ଗଣତନ୍ତ୍ରର ଅବକ୍ଷୟ


**ବି**ଶ୍ୱରେ ଗଣତାନ୍ତ୍ରିକ ପଦ୍ଧତିକୁ ଶାସନ ବ୍ୟବସ୍ଥାର ଶ୍ରେଷ୍ଠ ପଦ୍ଧତି ଭାବେ ବିବେଚନା କରାଯାଏ । ଗଣତନ୍ତ୍ରର ସବୁଠାରୁ ଅଧିକ ଗ୍ରହଣୀୟତା ଏଥିପାଇଁ ଯେ ଗଣତାନ୍ତ୍ରିକ ବ୍ୟବସ୍ଥାରେ ସରକାର ଏବଂ ଜନସାଧାରଣଙ୍କ ମଧ୍ୟରେ କୌଣସି ଦୂରତା ନ ଥାଏ । ଉଭୟଙ୍କ ମଧ୍ୟରେ ବିଶ୍ୱାସ ଏବଂ ସ୍ୱଚ୍ଛତାର ସମ୍ପର୍କ ଏହାକୁ ପରିପୁଷ୍ଟ କରିଥାଏ ।

ଗଣତନ୍ତ୍ରରେ ଲୋକମାନଙ୍କୁ ସେମାନଙ୍କର ସରକାର ବାଛିବାର ଅଧିକାର ଅଛି । ଯଦି ନିର୍ବାଚିତ ସରକାର ସେମାନଙ୍କ କାର୍ଯ୍ୟଶୈଳୀରେ ଭୁଲଭଟ୍‌କା କରନ୍ତି ବା ଜନସାଧାରଣଙ୍କ ଇଚ୍ଛା ବିରୋଧରେ କାର୍ଯ୍ୟ କରନ୍ତି ତେବେ ଲୋକମାନେ ପରବର୍ତ୍ତୀ ନିର୍ବାଚନରେ ତାଙ୍କୁ ବରଖାସ୍ତ କରି ନୂତନ ସରକାର ଗଠନ କରିବାରେ ସଫଳ ହୁଅନ୍ତି । ଅନ୍ୟ ଯେକୌଣସି ଶାସନ ବ୍ୟବସ୍ଥା ଅପେକ୍ଷା ଗଣତନ୍ତ୍ରରେ ଅଧିକ ବାକ ସ୍ୱାଧୀନତା ଥାଏ । ଜନସାଧାରଣ ଗଣତନ୍ତ୍ରରେ ଖୋଲାଖୋଲି ଭାବରେ ସେମାନଙ୍କର ମତ ପ୍ରକାଶ କରିପାରନ୍ତି । ଗଣତନ୍ତ୍ର ଏକ ଉତ୍ତମ ଶାସନ ବ୍ୟବସ୍ଥା, ଯେଉଁଥିରେ ବ୍ୟକ୍ତିଗତ ମର୍ଯ୍ୟାଦା ଏବଂ ସମାନତାକୁ ବଜାୟ ରଖାଯାଏ । ନାଗରିକମାନଙ୍କୁ ନିଷ୍ପତ୍ତି ଗ୍ରହଣରେ ଅଂଶଗ୍ରହଣ କରିବାକୁ ଅନୁମତି ଦିଆଯାଏ । ଭୁଲ୍ ସଂଶୋଧନ କରାଯାଏ, ଶାନ୍ତିପୂର୍ଣ୍ଣ ଭାବରେ ଦ୍ୱନ୍ଦ୍ୱ ସମାଧାନ ହୁଏ ଏବଂ ନିୟମିତ, ମୁକ୍ତ ଓ ନିରପେକ୍ଷ ନିର୍ବାଚନ ମାଧ୍ୟମରେ ସରକାର ଗଠନ କରାଯାଏ । ଗଣତନ୍ତ୍ର ଏକ ବୈଧ ସରକାରକୁ ପ୍ରତିଷ୍ଠିତ କରେ, ଯାହା ଦେଶର ବିକାଶ ତଥା ନାଗରିକଙ୍କ ଆବଶ୍ୟକତା ଏବଂ ଇଚ୍ଛା ପ୍ରତି ଯତ୍ନଶୀଳ ହୋଇଥାଏ । କିନ୍ତୁ ବିଡ଼ମ୍ବନା ହେଉଛି ଯେ ଗତ କିଛି ବର୍ଷ ମଧ୍ୟରେ ବିଶ୍ୱ ସ୍ତରରେ ଗଣତନ୍ତ୍ରର ଏହି ରୂପ ନିରନ୍ତର ଦୁର୍ବଳ ହେବାରେ ଲାଗିଛି । ଏହି ଅବନତି କେବଳ ରାଜନୈତିକ ପ୍ରତିଷ୍ଠାନ ମଧ୍ୟରେ ସୀମିତ ନୁହେଁ, ବରଂ ଗଣମାଧ୍ୟମର ସ୍ୱାଧୀନତା, ନ୍ୟାୟପାଳିକାର ନିରପେକ୍ଷତା, ନାଗରିକ ଅଧିକାର ଏବଂ ସ୍ୱଚ୍ଛ ନିର୍ବାଚନ ଭଳି ଗଣତନ୍ତ୍ରର ମୌଳିକ ସ୍ତମ୍ଭ ଉପରେ ମଧ୍ୟ ବହୁତ ଚାପ ସୃଷ୍ଟି କରିଛି । ଷ୍ଟକ୍ ହୋମସ୍ଥିତ ଇଣ୍ଟରନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଫର୍ ଡେମୋକ୍ରାସି ଆଣ୍ଡ ଇଲେକ୍ଟୋରାଲ ଆସିଷ୍ଟାନ୍ସ (ଆଇଡିଏ) ଦ୍ୱାରା ସମ୍ପ୍ରତି ପ୍ରକାଶିତ ଗ୍ଲୋବାଲ ଷ୍ଟେଟ୍ ଅଫ୍ ଡେମୋକ୍ରାସି–୨୦୨୫ ରିପୋର୍ଟ, ଗଣତନ୍ତ୍ରର ଏହି ଅବକ୍ଷୟର ଗମ୍ଭୀରତାକୁ ଉଜାଗର କରିଛି ।

୧୭୩ଟି ଦେଶର ବିଶ୍ଳେଷଣରୁ ଜଣାପଡିଛି ଯେ ୯୪ଟି ଦେଶ, ଅର୍ଥାତ୍ ଅଧାରୁ ଅଧିକ ଦେଶରେ ଅତି କମ୍‌ରେ ଗୋଟିଏ ଗଣତାନ୍ତ୍ରିକ ସୂଚକାଙ୍କରେ ହ୍ରାସ ପରିଲକ୍ଷିତ ହୋଇଛି । ବିଶ୍ୱସନୀୟ ନିର୍ବାଚନର ଅଭାବ ଏବଂ ସଂସଦୀୟ ନିଷ୍କ୍ରିୟତା ଭଳି ଧାରା ଗଭୀର ଚିନ୍ତାର ବିଷୟ ବୋଲି ଏହି ରିପୋର୍ଟରେ ପ୍ରକାଶ ପାଇଛି । ରିପୋର୍ଟରେ ଦର୍ଶାଯାଇଛି ଯେ ଆଫ୍ରିକା ଏବଂ ୟୁରୋପରେ ଏହି ହ୍ରାସ ଚିନ୍ତା ଉଦ୍ରେକକାରୀ । ସେହି ସମୟରେ ପ୍ରେସ୍‌ର ସ୍ୱାଧୀନତା ଭଳି ଗଣତନ୍ତ୍ରର ମୌଳିକ ସ୍ତମ୍ଭରେ ଏକ ଅଭୂତପୂର୍ବ ହ୍ରାସ ରେକର୍ଡ କରାଯାଇଛି । ଏହା ଗତ ୫୦ ବର୍ଷ ମଧ୍ୟରେ ସବୁଠାରୁ ବଡ ହ୍ରାସ । ୪୩ଟି ଦେଶରେ ସାମ୍ବାଦିକତା ଉପରେ ପ୍ରତିବନ୍ଧକ ବୃଦ୍ଧି ପାଇଛି, ଯାହାର ଉଦାହରଣ ଆଫଗାନିସ୍ତାନ, ମ୍ୟାନ୍‌ମାର ଏବଂ ଦକ୍ଷିଣ କୋରିଆ ଭଳି ଦେଶ । ଆମେରିକା ଭଳି ଦେଶ, ଯାହାକୁ ଦୀର୍ଘ ସମୟ ଧରି ଗଣତନ୍ତ୍ରର ମଡେଲ ଭାବରେ ବିବେଚନା କରାଯାଉଥିଲା, ଏବେ ସେମାନଙ୍କ ନିଜସ୍ୱ ମାନଦଣ୍ଡରୁ ପଛକୁ ହଟି ଯାଉଥିବା ଦେଖାଯାଉଛି । ଗଣତନ୍ତ୍ରକୁ ବଞ୍ଚାଇବା ପାଇଁ ତଥା ଏହାକୁ ଜୀବନ୍ତ ରଖିବା ପାଇଁ କେବଳ ନିର୍ବାଚନରେ ଭୋଟ ଦେବା, ନିରନ୍ତର ତଦାରଖ, ପ୍ରତିବାଦ ଏବଂ ସଂସ୍କାର ଦାବି କରିବା ଯଥେଷ୍ଟ ନୁହେଁ । ଗଣତନ୍ତ୍ରର ଅବକ୍ଷୟକୁ ରୋକିବା ପାଇଁ କେବଳ ସମାଲୋଚନାର ଆବଶ୍ୟକତା ନୁହେଁ, ବରଂ ସକ୍ରିୟ ଜନସଚେତନତା ଏବଂ ଗଣ ଆନ୍ଦୋଳନର ଆବଶ୍ୟକତା ଅଛି, ଯାହା ଗଣତନ୍ତ୍ରକୁ ତାହାର ମୂଳ ଉଦ୍ଦେଶ୍ୟକୁ ଫେରାଇ ନେଇପାରିବ । ଗଣତନ୍ତ୍ର କେବଳ ଅନୁଷ୍ଠାନରୁ ନୁହେଁ ବରଂ ଜନ ଅଂଶଗ୍ରହଣରୁ ଜୀବନ ପାଏ ଓ ସୁଦୃଢ ହୁଏ । ନାଗରିକ, ଗଣମାଧ୍ୟମ, ବୁଦ୍ଧିଜୀବୀ, ଶିକ୍ଷକ, ଛାତ୍ର ଏବଂ ସମାଜର ପ୍ରତ୍ୟେକ ବର୍ଗକୁ ବୁଝିବାକୁ ପଡିବ ଯେ ଗଣତନ୍ତ୍ରକୁ ସୁରକ୍ଷା ଦେବା କେବଳ ସରକାରଙ୍କ ଦାୟିତ୍ୱ ନୁହେଁ । ସମ୍ବିଧାନ, ଅନୁଷ୍ଠାନ ଏବଂ ଅଭିବ୍ୟକ୍ତିର ସ୍ୱାଧୀନତାକୁ ସୁରକ୍ଷା ଦେବା ପାଇଁ ଜନସାଧାରଣଙ୍କୁ ଏକଜୁଟ ହେବାକୁ ପଡିବ । ଗଣତନ୍ତ୍ରକୁ କେବଳ ସଚେତନ ନାଗରିକଙ୍କ ଆବଶ୍ୟକତା ନୁହେଁ, ବରଂ ସମ୍ବେଦନଶୀଳ ଏବଂ ସାହସୀ ନାଗରିକଙ୍କ ଆବଶ୍ୟକତା ଅଛି । ଗଣତନ୍ତ୍ର କେବଳ ଏକ ବ୍ୟବସ୍ଥା ନୁହେଁ – ଏହା ଏକ ନିରନ୍ତର ପ୍ରକ୍ରିୟା, ଯେଉଁଥିରେ ପ୍ରତ୍ୟେକ ନାଗରିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଗଣତନ୍ତ୍ର ସେଇଠି ସଫଳ ହୁଏ ଯେଉଁଠାରେ ନାଗରିକ ଶିକ୍ଷିତ ଓ ସଚେତନ ହୋଇଥାଏ ।

ଯଦି ଆମେ ଗଣତନ୍ତ୍ରକୁ ବଞ୍ଚାଇବାକୁ ଚାହୁଁ, ତେବେ ଆମକୁ ଆମର ସ୍ୱାଧୀନତା, ଅଧିକାର ଏବଂ ସ୍ୱାଭିମାନକୁ ଅକ୍ଷୁର୍ଣ୍ଣ ରଖିବା ଆବଶ୍ୟକ । ସାମଗ୍ରିକ ଭାବରେ କୁହାଯାଇ ପାରେ ଯେ ଆଜି ଗଣତାନ୍ତ୍ରିକ ଶକ୍ତି ହ୍ରାସ ଯୋଗୁ ଏକଚ୍ଛତ୍ରବାଦ ବୃଦ୍ଧି ପାଉଛି । ଗଣତାନ୍ତ୍ରିକ ମୂଲ୍ୟବୋଧ ଉପରେ ଆକ୍ରମଣ ହେଉଛି । ନିର୍ବାଚନୀ କାର୍ଯ୍ୟକଳାପ ଠିକ୍ ଭାବରେ ପରିଚାଳିତ ହେଉନାହିଁ । ସର୍ବାଧିକ ଭୋଟ ପାଇବା ପରିବର୍ତ୍ତେ ଭୋଟ ବିଭାଜନ କରି ନିର୍ବାଚନ ଜିତାଯାଉଛି । ଏପରି ପରିସ୍ଥିତିରେ ନିର୍ବାଚନ ଜିତିବା ପାଇଁ ବଡ଼ ବଡ଼ ରାଜନୈତିକ ବିଶେଷଜ୍ଞଙ୍କ ସାହାଯ୍ୟ ନିଆଯାଉଛି । ନାଗରିକଙ୍କୁ କଳେବଳେ କୌଶଳେ ପ୍ରଭାବିତ କରାଯାଉଛି । ଗଣତନ୍ତ୍ରକୁ ଫମ୍ପା କରିବାରେ ଏହି ନିର୍ବାଚନ ପଦ୍ଧତିଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହି ରିପୋର୍ଟରେ ଆହୁରି ଦର୍ଶାଯାଇଛି ଯେ ବର୍ତ୍ତମାନ ୩୦୦ ନିୟୁତରୁ ଅଧିକ ଲୋକ ସେମାନଙ୍କ ନିଜ ଦେଶ ବାହାରେ ବାସ କରୁଛନ୍ତି । ୧୯୭୦ ପରଠାରୁ ଏହି ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇଛି । ଏହି ନାଗରିକଙ୍କର ରାଜନୈତିକ ଅନ୍ତର୍ଭୁକ୍ତି ତଥା ଗଣତାନ୍ତ୍ରିକ ଓ ନାଗରିକ ଅଧିକାର ଉପରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ବିଦେଶରେ ରହୁଥିବା ନାଗରିକଙ୍କ ପାଇଁ ଭୋଟଦାନ ଅଧିକାରର ବୈଷୟିକ, ଆଇନଗତ ଏବଂ ସଂସ୍ଥାଗତ ଦିଗ ଉପରେ ଧ୍ୟାନ ଦେଇ ସେମାନଙ୍କ ଭୋଟଦାନକୁ କ୍ରିୟାଶୀଳ ପୂର୍ବକ ଗଣତାନ୍ତ୍ରିକ ସ୍ଥିରତାକୁ ସୁଦୃଢ଼ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଛି ।

ତଥାପି ଏହି ନିରାଶାଜନକ ପରିସ୍ଥିତିରେ କିଛି ଦେଶ ଆଶାର କିରଣ ହୋଇ ରହିଛନ୍ତି । ବୋଟସୱାନା ଏବଂ ଦକ୍ଷିଣ ଆଫ୍ରିକା ପରି ଆଫ୍ରିକୀୟ ଦେଶଗୁଡ଼ିକ ସ୍ୱଚ୍ଛ ନିର୍ବାଚନ ଦିଗରେ ଉଲ୍ଲେଖନୀୟ ଅଗ୍ରଗତି କରିଛନ୍ତି । ଡେନ୍‌ମାର୍କ, ଜର୍ମାନୀ, ନରୱେ ଏବଂ ସ୍ୱିଜରଲାଣ୍ଡ ପରି ଦେଶଗୁଡ଼ିକ ଏବେ ବି ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସୁରକ୍ଷା ଦେଉଛନ୍ତି । ଏହି ଉଦାହରଣଗୁଡ଼ିକ ବାର୍ତ୍ତା ଦିଅନ୍ତି ଯେ ଯଦି ଇଚ୍ଛାଶକ୍ତି ଥାଏ, ତେବେ ଗଣତନ୍ତ୍ରକୁ ସୁଦୃଢ଼ କରିବା ସମ୍ଭବ । ନିର୍ମଳ ଚରିତ୍ର, କର୍ତ୍ତବ୍ୟନିଷ୍ଠା, ସାଧୁତା, ନିରପେକ୍ଷତା, ତିତିକ୍ଷା, ସେବା ମନୋବୃତ୍ତି, ଦୁର୍ନୀତିହୀନତା ଆଦି ନାନା ଗୁଣ ଗଣତନ୍ତ୍ର ଶାସନକୁ କରିଥାଏ ସୁଦୃଢ । ଗଣତନ୍ତ୍ର ଦୁର୍ବଳ ହେବାର ଅନେକ କାରଣ ଅଛି - କ୍ଷମତା ପ୍ରତି ଲାଳସା, ପ୍ରତିଷ୍ଠାନଗୁଡ଼ିକୁ ନିୟନ୍ତ୍ରଣ କରିବାର ପ୍ରବୃତ୍ତି, ଗଣମାଧ୍ୟମକୁ ଦମନ କରିବାର ପ୍ରୟାସ ଏବଂ ନାଗରିକଙ୍କ ଉଦାସୀନତା । କିନ୍ତୁ ଏହା ସହିତ ଲଢ଼ିବା ପାଇଁ ଆମ ପାଖରେ ଏକ ସମାଧାନ ମଧ୍ୟ ଅଛି, ତାହା ହେଉଛି ଏକ ସଚେତନ, ସକ୍ରିୟ ଏବଂ ସଂଗଠିତ ନାଗରିକ ସମାଜ । ଜନ ଅଂଶଗ୍ରହଣ, ପ୍ରଶ୍ନ ପଚାରିବାର ସଂସ୍କୃତି ଏବଂ ସାମ୍ବିଧାନିକ ମୂଲ୍ୟବୋଧ ପ୍ରତି ଆନୁଗତ୍ୟ ହେଉଛି ଗଣତନ୍ତ୍ରର ମେରୁଦଣ୍ଡ । ଶୃଙ୍ଖଳିତ ଏବଂ ପରିମାର୍ଜିତ ଗଣତନ୍ତ୍ର ହିଁ ସର୍ବୋତ୍କୃଷ୍ଟ ଶାସନ ପଦ୍ଧତି । ଯେପର୍ଯ୍ୟନ୍ତ ଜନସାଧାରଣ ନିଜେ ଗଣତନ୍ତ୍ର ବିଷୟରେ ସଚେତନ ଏବଂ ଜାଗ୍ରତ ନ ହୁଅନ୍ତି, କୌଣସି ବ୍ୟବସ୍ଥା ଏହାକୁ ରକ୍ଷା କରିପାରିବ ନାହିଁ ।



## ଈଶ୍ୱରଙ୍କ ଠାରେ ବିଶ୍ୱାସ

### ମହାତ୍ମା ଗାନ୍ଧୀ

**ମୋ**ତେ ସ୍ୱୀକାର କରିବାକୁ ହେବ ଯେ, ଜୀବନ୍ତ ସତ୍ୟରୂପୀ ଭଗବାନଙ୍କ ଠାରେ ଏକ ସକଳ ବିଶ୍ୱାସ ନ ଥିଲେ ବ୍ରହ୍ମଚର୍ଯ୍ୟ ବ୍ରତର ପାଳନ କଦାପି ସମ୍ଭବ ହେବନାହିଁ । ଭଗବାନଙ୍କୁ ହସି ଉଡାଇଦେବା ଏବଂ ଏକ ଜୀବନ୍ତ ଭଗବାନଙ୍କ ଉପରେ ଏକ ସଚଳ ବିଶ୍ୱାସ ନ ଥାଇ ଉଚ୍ଚତମ ସ୍ତରର ଜୀବନଟିଏ ବଞ୍ଚିବାର ସମ୍ଭାବନା ବିଷୟରେ ଦୁରାଗ୍ରହ ପ୍ରକାଶ କରିବା ଏବେ ତ ଏକ ଫେଶନ ହୋଇଗଲାଣି । ଯେଉଁମାନଙ୍କର ନିଜଠାରୁ ଅନନ୍ତ ଗୁଣରେ ଅଧିକ ଉଚ୍ଚ, ଏକ ପରମ ଶକ୍ତିମତ୍ତା ଉପରେ କୌଣସି ବିଶ୍ୱାସ ନାହିଁ ଅଥବା ସେଥିଲାଗି ପ୍ରୟୋଜନ ମଧ୍ୟ ନାହିଁ, ଏହି ବିଧାନଟିର ସତ୍ୟତା ବିଷୟରେ ସେମାନଙ୍କର ହୃଦବୋଧ କରାଇବାରେ ମୋ'ର ଅସମର୍ଥତାକୁ ମୁଁ ଅବଶ୍ୟ ସ୍ୱୀକାର କରିବି । ମୋ' ନିଜର ଅଭିଜ୍ଞତା ମୋତେ ଏହି ଜ୍ଞାନରେ ଆଣି ଉପନୀତ କରାଇଛି ଯେ ଯେଉଁ ଜୀବନ ବିଧାନଟିକୁ ମାନି ସମଗ୍ର ବ୍ରହ୍ମାଣ୍ଡ ଅବଗତ ହୋଇଛି, ସେହି ବିଧାନ ଉପରେ ଏକ ଅବିଚଳ ବିଶ୍ୱାସର ସ୍ଥାପନା ବ୍ୟତୀତ ପୂର୍ଣ୍ଣତମ ଜୀବନ କଦାପି ସମ୍ଭବ ହେବ ନାହିଁ । ଯେଉଁ ଜୀବନ ପରମଶକ୍ତିକୁ ଆମେ ଈଶ୍ୱର ବୋଲି କହୁଛୁ, ତାଙ୍କରି ବିଧାନକୁ ଜାଣିଲେ ଓ ପାଳନ କଲେ ଯାଇ ଆମେ ତାଙ୍କର ଆବିଷ୍କାର କରି ପାରିବା ଏବଂ ପରିଶେଷରେ ତାଙ୍କୁ ଆମ ନିଜ ଭିତରେ ମଧ୍ୟ ଉଦଘାଟିତ କରାଇ ଆଣିବା । ମାତ୍ର, ଏହା ଅତ୍ୟନ୍ତ ସ୍ପଷ୍ଟ ହୋଇଯିବା ଉଚିତ ଯେ ଈଶ୍ୱରଙ୍କର ବିଧାନକୁ ଆବିଷ୍କାର କରିବାକୁ ହେଲେ ଆମକୁ ସେଥିଲାଗି କଠିନ ପ୍ରୟାସ ମଧ୍ୟ କରିବାକୁ ହେବ । ଗୋଟିଏ ଶବ୍ଦରେ ସେହି ବିଧାନକୁ ହୁଏତ ବ୍ରହ୍ମଚର୍ଯ୍ୟ ବୋଲି କୁହାଯାଇ ପାରିବ । ସେହି ବ୍ରହ୍ମଚର୍ଯ୍ୟର ଅନୁଶୀଳନ ନିମନ୍ତେ ସବୁଠାରୁ ସିଧା ବାଟ ହେଉଛି ରାମ ନାମ ।

## 'ଐତିହାସିକ କିର୍ତ୍ତୀରାଜିର ସଂରକ୍ଷଣ'

### ପ୍ରଫୁଲ୍ଲ କୁମାର ମାଝୀ


**ଆମ** ଦେଶର ଇତିହାସ, ସଂସ୍କୃତି ଓ ଐତିହ୍ୟ ଅତୀବ ପ୍ରାଚୀନ ଓ ମହାନ । କାଶ୍ମୀରରୁ କନ୍ୟା କୁମାରୀ ଓ ଦ୍ୱାରିକାରୁ କାମାକ୍ଷା ପର୍ଯ୍ୟନ୍ତ ଐତିହାସିକ କିର୍ତ୍ତୀରାଜିରେ ଋଦ୍ଧିମନ୍ତ ଏହି ବିଶାଳ ଦେଶ । କିନ୍ତୁ କେଉଁଠି ଏସବୁ ସୁରକ୍ଷିତ ଆଉ କେଉଁଠି ଧ୍ୱଂସାଭିମୁଖୀ । ଆମେ ଯଦି ଦିଲ୍ଲୀ, ଉତ୍ତରପ୍ରଦେଶ କିମ୍ବା ରାଜସ୍ଥାନ ଅଞ୍ଚଳକୁ ଯିବା, ଦେଖିବା ଐତିହାସିକ କିର୍ତ୍ତୀରାଜିକୁ ସୁରକ୍ଷିତ ରଖିବା ପାଇଁ ସରକାର ଯଥେଷ୍ଟ ଉଦ୍ୟମ କରିଛନ୍ତି । ଦିଲ୍ଲୀର ବିଭିନ୍ନ ସ୍ଥାନରେ ରାଜା, ମହାରାଜା କିମ୍ବା ସୁଲତାନମାନଙ୍କ କବରକୁ ମଧ୍ୟ ସଂରକ୍ଷିତ ରଖାଯାଇ ତା' ଚାରିପଟେ ତାର ବାଡ଼ ମଧ୍ୟରେ ସୁନ୍ଦର ପାର୍କ ବା ଉଦ୍ୟାନ କରାଯାଇଛି । ଫଳରେ ସକାଳ ଓ ସନ୍ଧ୍ୟାରେ ପରିବାର ପିଲାଛୁଆଙ୍କ ସହିତ କିଛି ସମୟ ଅତିବାହିତ କରିପାରୁଛନ୍ତି । କୁତବମୀନାର ଓ ଲାଲ କିଲ୍ଲା ଭଳି ବଡ଼ ବଡ଼ କିର୍ତ୍ତୀରାଜିର ଉପଯୁକ୍ତ ରକ୍ଷଣାବେକ୍ଷଣ କରାଯାଉଛି । ଉତ୍ତର ପ୍ରଦେଶର ଲଖନଉ ଓ ଆଗ୍ରା ଭଳି ବଡ଼ ବଡ଼ ସହରରେ ବହୁ ଐତିହାସିକ ଓ ପ୍ରାଚୀନ କୀର୍ତ୍ତୀରାଜିକୁ ବୁଲି ଦେଖିବା ପାଇଁ ସରକାର କିଛି ପ୍ରବେଶ ଦେୟ ରଖିଛନ୍ତି ଯାହା ଫଳରେ ଆୟ ହୋଇପାରୁଛି ଏବଂ ଏସବୁର ସଂରକ୍ଷଣରେ ଖର୍ଚ୍ଚ ମଧ୍ୟ କରାଯାଇ ପାରୁଛି । ରାଜସ୍ଥାନରେ ଯେହେତୁ ଦୀର୍ଘଦିନ ଧରି ରାଜପୁତ ମାନଙ୍କ ଶାସନ ରହିଥିଲା, ସେମାନେ ସମଗ୍ର ରାଜ୍ୟରେ ବିଭିନ୍ନ ସ୍ଥାନରେ ଦୁର୍ଗ ଏବଂ ଅନ୍ୟାନ୍ୟ କିର୍ତ୍ତୀରାଜିର ନିର୍ମାଣ କରିଛନ୍ତି । ସେସବୁର ରକ୍ଷଣାବେକ୍ଷଣ ପାଇଁ ସରକାର ପ୍ରଶଂସନୀୟ ଉଦ୍ୟମ କରିଛନ୍ତି । କେତେକ ସ୍ଥାନରେ ଖାଇବାର ଓ ରହିବାର ଉଚ୍ଚକୋଟୀର ହୋଟେଲ ବ୍ୟବସ୍ଥା କରାଯିବା ଫଳରେ ବହୁ ସଂଖ୍ୟାରେ ଲୋକ ପରିଭ୍ରମଣରେ ଯାଉଛନ୍ତି । ଏହାଦ୍ୱାରା ସରକାରଙ୍କ କିଛି ଆୟ ହେବା ସହିତ ପର୍ଯ୍ୟଟନ ଶିଳ୍ପର ବିକାଶ ଘଟୁଛି ଏବଂ ସ୍ଥାନୀୟ ଲୋକେ ଜୀବିକା ନିର୍ବାହ ମଧ୍ୟ କରି ପାରୁଛନ୍ତି । ଐତିହାସିକ କିର୍ତ୍ତୀରାଜି ଯେ ଲୋକଙ୍କ ପାଇଁ ଏକ ଆକର୍ଷଣର କେନ୍ଦ୍ରବିନ୍ଦୁ ଏଥିରେ ସନ୍ଦେହ ନାହିଁ ।

ଆମ ଦେଶ ଭଳି ଆମ ରାଜ୍ୟରେ ମଧ୍ୟ ଐତିହାସିକ କିର୍ତ୍ତୀରାଜ ଭରପୂର ରହିଛି । ଏମାନଙ୍କ ମଧ୍ୟରେ ପୁରୁଣା ଦୁର୍ଗ, ରାଜମହଲ ବା ରାଜଉଆସ, ଦୁର୍ଗ ଚାରିପଟେ ଥିବା ପାଚେରୀ ଓ ଗଡ଼ଖାଲ, ଶୈଳ ନିବାସ, ମନ୍ଦିର, ମଠ ଏବଂ ରାଜା ମହାରାଜଙ୍କ ଦ୍ୱାରା ନିର୍ମିତ ହୋଇଥିବା ଅନ୍ୟାନ୍ୟ ଐତିହାସିକ କିର୍ତ୍ତୀରାଜି ହେଉଛି ମୁଖ୍ୟ । ସ୍ୱାଧୀନତା ପୂର୍ବରୁ ଆମ ରାଜ୍ୟରେ ଅନେକ ଛୋଟ ବଡ଼ ଗଡ଼ଜାତ ରାଜ୍ୟଥିଲା । ମୟୁରଭଞ୍ଜରୁ ଆରମ୍ଭ କରି ଜୟପୁର ପର୍ଯ୍ୟନ୍ତ ଏବଂ ଖରିଆରରୁ ଆରମ୍ଭ କରି କନିକା ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ଥାନରେ ରାଜାଙ୍କ ସ୍ଥିତି ଓ ଆର୍ଥିକ ସମ୍ବଳକୁ ଦେଖି ଛୋଟ ବଡ଼ ରାଜ ପ୍ରସାଦ ସବୁ ରହିଥିଲା । ରାଜ୍ୟର ସୁରକ୍ଷା ପାଇଁ ରାଜା ମହାରାଜାମାନେ ଦୁର୍ଗ ଓ ସୁଉଚ୍ଚ ପାଚେରୀ ନିର୍ମାଣ କରିଥିଲେ । ଏମାନଙ୍କ ମଧ୍ୟରୁ ଅନେକେ ଧ୍ୱଂସ ପ୍ରାପ୍ତ ହୋଇଛନ୍ତି ଏବଂ କିଛି ଧ୍ୱଂସାଭିମୁଖୀ ଅବସ୍ଥାରେ ଅଛନ୍ତି । ସମ୍ବଲପୁରର ପ୍ରଥମ ଚୌହାଣ ରାଜା ବଳରାମ ଦେବ ପୁରୁଣା ସମ୍ବଲପୁର ଅଞ୍ଚଳରେ ଯେଉଁ ପାଚେରୀ ନିର୍ମାଣ କରିଥିଲେ ତାହା କେବେଠୁଁ ଧ୍ୱଂସପ୍ରାପ୍ତ ହେଲାଣି । ଏବେ କେବଳ ମହାନଦୀ କୁଳେ କୁଳେ କିଛି ବୁରୁଦ ଦୃଷ୍ଟିଗୋଚର ହୋଇଥାଏ । ପୁରୁଣା ସହର ଅଞ୍ଚଳରେ ରାଜା ବଖରୀ, ରାଣୀ ବଖରୀ ଏବଂ ପ୍ରାଚୀନ ମନ୍ଦିର ଓ ମଠ ରହିଛି ଯାହାକି ସମ୍ବଲପୁରର ରାଣୀ ବଖ୍‌ରୀରେ ସରକାରୀ ସ୍ତରରେ ପୁନରୁଦ୍ଧାର କାର୍ଯ୍ୟ କରାଯାଇଥିବା ବେଳେ ରାଜା ବଖରୀରେ ସମୟ ସମୟରେ ବିଭିନ୍ନ ସାମାଜିକ ଓ ଶିକ୍ଷାନୁଷ୍ଠାନ ଦ୍ୱାରା ସଫେଇ କାର୍ଯ୍ୟ କରାଯାଉଥିବାର ଖବର ବିଭିନ୍ନ ସୂତ୍ରରୁ ଜଣାପଡେ । ଏକଥା ସତ ଯେ ଅନ୍ୟାନ୍ୟ ରାଜ୍ୟ ତୁଳନାରେ ସମ୍ବଲପୁର ଆଗତୁରା ଇଂରେଜମାନଙ୍କ ଅଧୀନକୁ ଚାଲିଯାଇଥିଲା । କିନ୍ତୁ ଏହା ପୂର୍ବରୁ ଚୌହାଣ ବଂଶର ଗାରିମା ଓ କୀର୍ତ୍ତୀରାଜି ସମ୍ବଲପୁର ଇତିହାସକୁ ଋଦ୍ଧିମନ୍ତ କରିଛି । ଓଡ଼ିଶା ତଥା ଓଡ଼ିଶାର ପଶ୍ଚିମାଞ୍ଚଳରେ ଯାହାବି ସବୁ କିର୍ତ୍ତୀରାଜି ରହିଛି ତାହା ବର୍ଗୀକରଣ କରାଯାଇ ତାର ସଂରକ୍ଷଣକୁ ନେଇ ତର୍ଜମା କରାଯାଇ ପାରେ ।

**୧) ଐତିହାସିକ ପ୍ରାଚୀନ ଗୁମ୍ଫା :** ଓଡ଼ିଶାର ପଶ୍ଚିମାଞ୍ଚଳରେ ବିଭିନ୍ନ ସ୍ଥାନରେ ପ୍ରାକ୍ ଐତିହାସିକ ଗୁମ୍ଫା ରହିଛି ଯେଉଁଠାରେ କି ପତର କାନ୍ଥରେ ପ୍ରାଚୀନ ଲିପି ଖୋଦିତ ହୋଇଥିବାର ଦେଖିବାକୁ ମିଳେ । ଏମାନଙ୍କ ମଧ୍ୟରେ ନୂଆଁପଡ଼ା ଜିଲ୍ଲାର ଯୋଗୀମଠ ଏବଂ ଝାରସୁଗୁଡ଼ା ଜିଲ୍ଲାର ବିକ୍ରମଖୋଲ ଅନ୍ୟତମ । ଏତଦ୍‌ବ୍ୟତୀତ ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲ୍ଲାରେ ମଧ୍ୟ ବହୁ ପ୍ରାଚୀନ ପ୍ରସ୍ତର ଗୁମ୍ଫା ଦେଖିବାକୁ ମିଳେ । ଯୋଗୀମଠ ଓ ବିକ୍ରମଖୋଲ ଠାରେ ଯେଉଁ ପ୍ରସ୍ତର ଚିତ୍ର ଓ ଲିପି ଆବିଷ୍କୃତ ହୋଇଛି ତାହା ପ୍ରାକ୍ ଐତିହାସିକ ଓ ପ୍ରାଚୀନ ବୋଲି ଗବେଷକମାନେ ଚିହ୍ନଟ କରିଛନ୍ତି ।

ଅବଶିଷ୍ଟାଂଶ ୫ମ ପୃଷ୍ଠାରେ

## ସ୍ୱର୍ବେଦ




**ରୂପ ସହସ ମେଁ ପ୍ରକଟ ହୈଁ, ଏକ ଅଙ୍ଗ ପରମାନ ।**
**ଏକ ଭାଗ ବହୁ ଭାଗ ହୈଁ, ରୂପ ଅନନ୍ତ ସମାନ ।।୨୬।।**

ଭାଷ୍ୟ - ସ୍ୱୟଂ ଏକ ହିଁ ଅଙ୍ଗର ପରିମାଣରେ ସହସ୍ର ରୂପକୁ ପ୍ରକଟ କରିଛନ୍ତି । ସେହି ଏକମାତ୍ର ଭାଗରେ ବହୁତ ଭାଗ ରହିଛି । ସେଥିରେ ଏକ ସମାନ ପରମପ୍ରଭୁ ସ୍ୱୟଂ ପ୍ରବିଷ୍ଟ ହୋଇଛନ୍ତି ।

**ଗୁଣ କ୍ରିୟ ତତ୍ତ୍ୱ ଅନନ୍ତ ହୈଁ, ମହିମା ଭେଦ ଅନନ୍ତ ।**
**କାଲ ସୃଷ୍ଟି ଏକ ଭାଗ ମେଁ, ସବ ପର ଅତ୍ର ଅନନ୍ତ ।।୨୭।।**

ଭାଷ୍ୟ - ପ୍ରଭୁ ଅନନ୍ତ ସତ୍ତା ଅଟନ୍ତି ଏବଂ ତାଙ୍କର ଗୁଣ, କର୍ମ ମଧ୍ୟ ଅନନ୍ତ ଅଟେ । ବେଦ ଏବଂ ପୁରାଣ ତାଙ୍କର ମହିମା ଗାନ କରନ୍ତି । ତାଙ୍କର ଏକ ଭାଗରେ କାଳ ଦ୍ୱାରା ବିଶାଳ ସୃଷ୍ଟିର ରଚନା ହୋଇଥାଏ । ତାଙ୍କର ସମସ୍ତ ଧର୍ମ ଅନନ୍ତ ଅଟେ ।

**ସ୍ଥାଵର ଜଙ୍ଗମ ସୃଷ୍ଟି କା, ଧାରକ ହୈ ଅସ୍ୱମ୍ ।**
**ଅମିତ ଲୋକ ବ୍ରହ୍ମାଣ୍ଡ କା, କାଲ କର୍ମ ଗତି ଅମ୍ବ ।।୨୮।।**

ଭାଷ୍ୟ - ସ୍ଥାବର ଆଉ ଜଙ୍ଗମ ସୃଷ୍ଟିକୁ ଧାରଣ କରିଥିବା ଅମିତ ଲୋକ-ବ୍ରହ୍ମାଣ୍ଡର କାଳଚକ୍ର ସଂସାର ପ୍ରବାହର ସ୍ୱାମୀ ସ୍ୱୟଂ ଅଟନ୍ତି ।

**ଜେହି ଆଶ୍ରୟ ସବ ଲୋକ ହୈଁ, ସର୍ବ କୋଶ ବ୍ରହ୍ମାଣ୍ଡ ।**
**ପ୍ରକୃତି ଓ୍ୱିଶ୍ୱ କାରଣ ରହେଁ, ସର୍ବ ଜୀବ ହେମାଣ୍ଡ ।।୨୯।।**

ଭାଷ୍ୟ - ଯାହାର ଆଶ୍ରୟରେ ସମସ୍ତ ଲୋକ, ସର୍ବ କୋଷ ଏବଂ ଭଣ୍ଡାର, ଅନନ୍ତ ବ୍ରହ୍ମାଣ୍ଡ, ସମସ୍ତ ଜୀବ ହିରଣ୍ୟଗର୍ଭ ତଥା ସମସ୍ତ ବିଶ୍ୱର କାରଣ ପ୍ରକୃତି ଅଟେ ।

**ଆତ୍ମ ଅନ୍ନ ହୈଁ ସୋମରସ, ସର୍ବ ଜ୍ଞାନ ଭଣ୍ଡାର ।**
**ସତ୍ୟ ଅସତ୍ୟ ଓ୍ୱିଦ୍ୟମାନ ହୈଁ, ଜା ମହଁ ସକଲ ପସାର ।।୩୦।।**

ଭାଷ୍ୟ - ଆତ୍ମାର ଅନ୍ନ ସୋମରସ ଅଟେ ଏବଂ ସମସ୍ତ ଜ୍ଞାନର ଭଣ୍ଡାର ପ୍ରଭୁ ଅଟନ୍ତି, ଯାହା ଭିତରେ ସତ୍ୟ ଅସତ୍ୟ ବିଦ୍ୟମାନ ଏବଂ ସମସ୍ତ ସଂସାରର ବିସ୍ତାର ରହିଛି ।

**ସବ ଅଧାର ଅସ୍ୱମ୍ ହୈଁ, ଅନ୍ତର ଅନୁଭଓ୍ୱ ଦେଓ୍ୱ ।**
**ଚେତନ ଶବ୍ଦ ଅଖଣ୍ଡ ହୈଁ, ଋଷି ମୁନି ଜା କହଁ ସେଓ୍ୱ ।।୩୧।।**

ଭାଷ୍ୟ - ଆତ୍ମା ଦ୍ୱାରା ଯେଉଁ ଦେବଙ୍କର ଅନୁଭବ ହୁଏ, ସେହି ସର୍ବାଶ୍ରୟ ପ୍ରଦାନକାରୀ ସ୍ୱୟଂ, ଅଖଣ୍ଡ ଚେତନ ଶବ୍ଦ ଅଟନ୍ତି ଯାହାକୁ ମୁନି ଋଷି ଭକ୍ତି କରନ୍ତି ।

**ସତ୍ୟ ଅସତ୍ୟ କେ ଅନ୍ତରେ, ଅକ୍ଷର ସୁକୃତ ଧାର ।**
**ଓ୍ୱାସ୍ତଓ୍ୱ ଶବ୍ଦ ସ୍ୱରୂପ ହୈଁ, ସୋ ଅସ୍ୱମ୍ ଓ୍ୱିଚାର ।।୩୨।।**

ଭାଷ୍ୟ - ଜଗତ ଏବଂ ତାହାର ମୂଳ କାରଣ ପ୍ରକୃତି, ଅକ୍ଷର ତଥା ସୁକୃତ ସଦ୍‌ଗୁରୁଙ୍କର ଧାରର ପଛରେ ଯେଉଁ ଚିତ୍ର ଶବ୍ଦସ୍ୱରୂପ ରହିଛି ତାହା ସ୍ୱୟଂ ଅଟନ୍ତି ।

## ଲୋ ବ୍ଲଡପ୍ରେସର ଦୂର କରେ ଗାଜର

ସାଧାରଣତଃ ବ୍ଲଡପ୍ରେସରକୁ ଦୁଇ ଭାଗ ହାଇ, ଲୋ'ରେ ବିଭକ୍ତ କରାଯାଇଛି । ଯଦି ଆପଣ ଏପରି ସମସ୍ୟା ସହ ଜଡିତ ତେବେ ନିୟମିତ ସମୟ ଅନ୍ତରାଳରେ ରକ୍ତଚାପ ଚେକ୍ କରାଇ ନିଅନ୍ତୁ । ତା' ସହ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ମଧ୍ୟ ଖାଆନ୍ତୁ । ହେଲେ ଏପରି କେତୋଟି ଘରୋଇ ଉପଚାର ରହିଛି, ଯାହାଦ୍ୱାରା ଆପଣ ଲୋ' ବ୍ଲଡ ପ୍ରେସରକୁ ନିୟନ୍ତ୍ରଣରେ ରଖି ପାରିବେ । ସବୁଠାରୁ ସରଳ ଉପାୟ ହେଲା ନିଜ ଦୈନନ୍ଦିନ ଖାଦ୍ୟ ତାଲିକାରେ ଗାଜର ସାମିଲ କରନ୍ତୁ । ଆଉ ଏକ ଘରୋଇ ଉପାୟ ହେଲା କିଛି ଡାଲଚିନି ଗୁଣ୍ଡ ନେଇ ଉଷୁମ ପାଣିରେ ମିଶାଇ ପିଅନ୍ତୁ । ଏହାଦ୍ୱାରା ଲୋ' ବ୍ଲଡପ୍ରେସର କେତେକାଂଶରେ ନିୟନ୍ତ୍ରଣରେ ରହିଥାଏ । ଟମାଟୋ ରସରେ ଅଳ୍ପ ଗୋଲମରିଚ ଗୁଣ୍ଡ ଏବଂ ଅଳ୍ପ ଲୁଣ ମିଶାଇ ପିଇଲେ କିଛି ସମୟ ପାଇଁ ଏହି ରକ୍ତଚାପ ନିୟନ୍ତ୍ରଣରେ ରହିଥାଏ । ତେବେ ଯଦି ଲୋ'ପ୍ରେସର ରହିଛି ତେବେ ଏହାର ଲକ୍ଷଣ ଜାଣିବା ମାତ୍ରେ ବସି ପଡନ୍ତୁ କିମ୍ବା ବେଡ୍ ଉପରେ ଗଡି ପଡନ୍ତୁ । ହାତପାପୁଲିକୁ ମୁଠା କରି ଖୋଲନ୍ତୁ ଏବଂ ଏହି ପ୍ରକ୍ରିୟା କିଛି ସମୟ କରନ୍ତୁ । ପାଦଦ୍ୱୟକୁ ହଲାନ୍ତୁ । ଏହାଦ୍ୱାରା ଲୋ' ବ୍ଲଡପ୍ରେସରରୁ କେତେକାଂଶରେ ଉପଶମ ମିଳିଥାଏ । ତେବେ ଏପରି ସମସ୍ୟା ଥିଲେ ଅଭିଜ୍ଞ ଡାକ୍ତରଙ୍କର ସହ ପରାମର୍ଶ କରି ଚିକିତ୍ସିତ ହୁଅନ୍ତୁ ।



## 'ଐତିହାସିକ କିର୍ତ୍ତୀରାଜିର... (ଚତୁର୍ଥ ପୃଷ୍ଠାର ଅବଶିଷ୍ଟାଂଶ)

ବିକ୍ରମଖୋଲ ଠାରେ ଥିବା ପ୍ରସ୍ତର ଖୋଦିତ ଲିପିକୁ ବିପଦ ସୃଷ୍ଟି ହେଉଥିବାର ଯେତେବେଳେ ଆଲୋଚନା ହେଲା ଆର୍କୋଲୋଜିକାଲ ସର୍ଭାଇ ଅଫ୍ ଇଣ୍ଡିଆ ବା ପୁରାତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା କିଛି କାମ ହାତକୁ ନେଇଥିଲା । କିନ୍ତୁ ଏଥିରେ ଆହୁରି ସୁରକ୍ଷା ଓ ସଂରକ୍ଷଣର ଆବଶ୍ୟକତା ରହିଛି । ତା ସହିତ ଯୋଗୀମଠ ଠାରେ ମଧ ପ୍ରସ୍ତର ଗୁମ୍ଫାର ସଂରକ୍ଷଣ ଏବଂ ଏହା ଚାରିପାଖେ ଥିବା ପ୍ରାକୃତି ସୌନ୍ଦର୍ଯ୍ୟକୁ ଆଖି ଆଗରେ ରଖି ପର୍ଯ୍ୟଟନର ବିକାଶ କରାଯାଇ ପାରେ ।

ଲିପି ଉପରେ ସମୟ ଓ ପାଣି ପବନର ତ ପ୍ରଭାବ ରହିଛି । ତା ସହିତ ଯେଉଁ ପରିଦର୍ଶକ ମାନେ ଏସବୁ ସ୍ଥାନକୁ ଦେଖିବା ପାଇଁ ଯାଉଛନ୍ତି ସେମାନେ ମଧ ଧ୍ୟାନ ଦେବା କଥା ଲିପିକୁ ଯେଉଁଭଳି କୌଣସି କ୍ଷତି ନ ପହଞ୍ଚେ ।

**୨) ରାଜପ୍ରସାଦ:** ସ୍ୱାଧୀନତା ପୂର୍ବରୁ ଆମ ରାଜ୍ୟରେ ଅନେକ ଗୁଡିଏ ରାଜପ୍ରସାଦ ଥିଲା । ଯାହାକି ଆଜି ପର୍ଯ୍ୟନ୍ତ ତିଷ୍ଠି ରହିଛି । ଗଡ଼ଜାତ ମିଶ୍ରଣ ପରେ ରାଜାମାନେ ସେମାନଙ୍କ ରାଜପ୍ରସାଦ ଏବଂ ଅନ୍ୟାନ୍ୟ କୋଠାବାଡ଼ି ସରକାରଙ୍କୁ ପ୍ରଦାନ କରିଥିଲେ ଏବଂ ସେସବୁ ସରକାରୀ କାର୍ଯ୍ୟାଳୟ ଭାବରେ ବ୍ୟବହାର କରାଯାଉଛି । କେନ୍ଦୁଝର, ବଲାଙ୍ଗୀର ଏବଂ ଅନ୍ୟାନ୍ୟ ସ୍ଥାନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଭାବରେ ମଧ ବ୍ୟବହୃତ ହେଉଛି । ଅନେକ ବର୍ଷ ତଳେ ସୋନପୁର ଠାରେ ଥିବା ଧ୍ୱଂସାଭିମୁଖୀ ରାଜପ୍ରସାଦକୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପରିଣତ କରିବା ପାଇଁ ସରକାରଙ୍କ ଏକ ଯୋଜନା ରହିଥିଲା । କିନ୍ତୁ ତାହା ସଫଳ ହୋଇପାରିଲା ନାହିଁ । ଏବେ ବି ରାଜାରାଜୁଡ଼ା ସମୟର ଅନେକ କୋଠାବାଡି ରହିଛି । କିନ୍ତୁ ସେସବୁର ରକ୍ଷଣାବେକ୍ଷଣ ହୋଇ ପାରୁ ନାହିଁ । ଯେହେତୁ ସରକାରୀ ଓ ବେସରକାରୀ ସଂସ୍ଥାମାନଙ୍କର କୋଠା ଦରକାର ପଡିଥାଏ ରାଜ ପରିବାରର ସହମତି କ୍ରମେ ତାର ସଦୁପଯୋଗ କରାଯାଇ ପାରେ । ଫଳରେ କୋଠାଗୁଡିକ ବଞ୍ଚି ରହିବ । ଆବଶ୍ୟକ ସ୍ଥଳେ ସଂଗ୍ରହାଳୟରେ ମଧ ପରିଣତ କରାଯାଇପାରେ । କିଛି ପ୍ରବେଶ ଦେୟ ରଖିଲେ ରକ୍ଷଣାବେକ୍ଷଣର ଖର୍ଚ୍ଚ ମଧ ହୋଇ ପାରିବ ।

ସମ୍ବଲପୁର ସହରରେ ମଧ ଅନେକ ଛୋଟବଡ଼ ରାଜାରାଜୁଡା ସମୟର କୋଠାବାଡ଼ି ରହିଛି । ଯେହେତୁ ଏଥିରେ ମାଲିକାନା ସତ୍ତ୍ୱ ରହିଛି ସରକାର ତ କୌଣସି ଏକ ତରଫା ନିଷ୍ପତ୍ତି ନେଇ ପାରିବେ ନାହିଁ । ସହମତି କ୍ରମେ ଯେ କୌଣସି ପଦକ୍ଷେପ ନିଆଯାଇ ପାରେ ।

**୩) ପ୍ରାଚୀନ ଗଡ଼ ଓ ଦୁର୍ଗ:** ଦିଲ୍ଲୀ, ଆଗ୍ରା ଓ ରାଜସ୍ଥାନରେ ଯେଉଭଳି ଭାବରେ ଗଡ଼ ଓ ଦୁର୍ଗ ଏଯାବତ୍ ତିଷ୍ଠି ରହିଛନ୍ତି ଆମ ରାଜ୍ୟରେ ସେଭଳି ଦୁର୍ଗ ଆଉ ନାହିଁ କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ । କଟକ, ଭୁବନେଶ୍ୱର, ଗଂଜାମ ଓ ବାଲେଶ୍ୱର ଜିଲ୍ଲାରେ ଯାହାବି ସବୁ ଦୁର୍ଗ ଥିଲା ତାହା ଏବେ ପ୍ରାୟ ଧ୍ୱଂସ ସ୍ତୁପରେ ପରିଣତ ହୋଇ ସାରିଛି । କେବଳ ବଂଚି ରହିଛି ରାଜଉଆସ ଓ ଚାରି ପାର୍ଶ୍ୱରେ ଥିବା ସୁଉଚ୍ଚ ପାଚେରୀ । ଓଡ଼ିଶାର ପଶ୍ଚିମାଞ୍ଚଳରେ କେତେକ ସ୍ଥାନରେ ଅସୁରଗଡ଼ ଆବିଷ୍କୃତ ହୋଇଛି ଯୋଉଠି ଦିନେ ପ୍ରାଚୀନ ସଭ୍ୟତା ଗଢ଼ି ଉଠିଥିବାର ଜଣାଯାଏ । କଳାହାଣ୍ଡି ଜିଲ୍ଲାର ନର୍ଲା ନିକଟରେ ଏବଂ ମନମୁଣ୍ଡା ନିକଟରେ ଥିବା ଅସୁରଗଡ଼ ଲୋକ ଲୋଚନକୁ ଆସିସାରିଛି । ବରଗଡ଼ ସମ୍ବଲପୁର ଏବଂ ରେଢ଼ାଖୋଲ ନିକଟରେ ମଧ ଏଭଳି ଅସୁରଗଡ଼ ଥିବା ବିଭିନ୍ନ ସୂତ୍ରରୁ ଜଣାପଡେ । ନର୍ଲା ନିକଟରେ ପୁରାତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା ପ୍ରତ୍ନତାତ୍ତ୍ୱିକ ଖନନ କରି ଅନେକ ତଥ୍ୟ ସାମନାକୁ ଆଣିଥିଲା । ଅତୀତରେ ସମ୍ବଲପୁର ବିଶ୍ୱ ବିଦ୍ୟାଳୟର ଇତିହାସ ବିଭାଗ ମଧ ଖନନ ଓ ଗବେଷଣା ପୂର୍ବକ ବହୁ ତଥ୍ୟ ଉପରେ ଆଲୋକପାତ କରିଛି । ଏସବୁ ସ୍ଥାନ ମାନଙ୍କରେ ଆହୁରି ପ୍ରତ୍ନତାତ୍ତ୍ୱିକ ଖନନ ଓ ଗବେଷଣା ଇତିହାସକୁ ଏକ ନୂଆଁ ମୋଡ ଦେବାରେ ସକ୍ଷମ ହୋଇ ପାରେ ।

**୪) ପ୍ରାଚୀନ ମନ୍ଦିର :** ଓଡ଼ିଶା ଏକ ମନ୍ଦିର ବହୁଳ ରାଜ୍ୟ କହିଲେ ଅତ୍ୟୁକ୍ତି ହେବ ନାହିଁ । ଭୁବନେଶ୍ୱରକୁ ମନ୍ଦିରମାଳିନୀ ସହର କୁହାଯାଏ । ତା ସହିତ ସୋନପୁରକୁ ମଧ ଦ୍ୱିତୀୟ ବାରାଣାସୀର ଆଖ୍ୟା ଦିଆଯାଇଛି । ସମ୍ବଲପୁର ସହରରେ ଚୌହାଣ ରାଜାମାନଙ୍କ ଦ୍ୱାରା ନିର୍ମିତ ଅନେକ ଭବ୍ୟ ମନ୍ଦିର ଶୋଭା ପାଉଛି । ଏମିତିତ ଓଡ଼ିଶାର ପୁରପଲ୍ଲୀରେ ମନ୍ଦିର ରହିଛି । ପ୍ରକାଶିତ ଏକ ଖବରରୁ ଜଣାଯାଏ ଯେ ସମ୍ବଲପୁର ଜିଲ୍ଲାରେ ଓଡ଼ିଶାର ସର୍ବାଧିକ ଜଗନ୍ନାଥ ମନ୍ଦିର ରହିଛି । ପରବର୍ତ୍ତୀ ସମୟରେ ଲୋକଙ୍କ ଦ୍ୱାରା ନିର୍ମିତ ହୋଇଥିବା ମନ୍ଦିର ଗୁଡିକର ପରିଚାଳନା ସ୍ଥାନୀୟ ଲୋକଙ୍କ ଦ୍ୱାରା କରାଯାଇଥାଏ । ଆଗରୁ ନିର୍ମିତ ହୋଇଥିବା ମନ୍ଦିର ଗୁଡିକ ପାଇଁ ରାଜା, ମହାରାଜ, ସମ୍ରାଟ ଓ ଗୌନ୍ତିଆ ଜମିଦାରମାନେ ଜମିବାଡିର ବନ୍ଦୋବସ୍ତ କରିଥିଲେ । ଓଡ଼ିଶା ସରକାରଙ୍କ ଦେବୋତ୍ତର ବିଭାଗ ରହିଛି । ତା ସହିତ ବିଭିନ୍ନ ପୀଠର ଉନ୍ନତି ପାଇଁ ଏକ ବିଶେଷ ଯୋଜନା ମଧ ସରକାର ହାତକୁ ନେଇଛନ୍ତି । ପୁରୀର ପ୍ରସିଦ୍ଧ ଜଗନ୍ନାଥ ମନ୍ଦିର ଏବଂ ସମ୍ବଲପୁରର ମାଁ ସମଲେଶ୍ୱରୀଙ୍କ ମନ୍ଦିରକୁ ନୂତନ ରୂପରେଖ ଦିଆଯାଉଛି । ଭବିଷ୍ୟତରେ ମଧ ଆହୁରି ଅନେକ ପୀଠର ଉନ୍ନତିକରଣ ଓ ନବୀକରଣ ଯୋଜନା ସରକାର ହାତକୁ ନେଇ ପାରନ୍ତି । ସବୁଠାରୁ ବଡ଼ କଥା ହେଉଛି ରାଜ୍ୟବ୍ୟାପୀ ମନ୍ଦିର ଚିହ୍ନଟ କରି ବାର୍ଷିକ ଅନୁଦାନ ଦେବାର ବ୍ୟବସ୍ଥା ମଧ ସରକାର କରୁଛନ୍ତି । ଏହି ବିଭିନ୍ନ ଯୋଜନା ଦ୍ୱାରା ଓଡ଼ିଶାର ଧର୍ମ ଓ ସଂସ୍କୃତି ବଞ୍ଚି ରହିବ ।

ଐତିହାସିକ କିର୍ତ୍ତୀରାଜିର ଏକ ମୁଖ୍ୟ ଆକର୍ଷଣ ହେଉଛି ଚଉଷଠୀ ଯୋଗିନୀ ପୀଠ । ସମଗ୍ର ଭାରତରେ ମାତ୍ର ଚାରିଗୋଟି ପୀଠ ରହିଥିବା ବେଳେ ଏଥିମଧ୍ୟରୁ ଦୁଇଟି ଆମ ରାଜ୍ୟରେ ରହିଛି । ବଲାଙ୍ଗୀର ଜିଲ୍ଲାରେ ରାଣୀପୁର ଝରିଆଲ ଏବଂ ଭୁବନେଶ୍ୱର ନିକଟସ୍ଥ ହୀରାପୁର ଠାରେ ଚଉଷଠୀ ଯୋଗିନୀ ପୀଠ ଦେଖିବାକୁ ମିଳେ । ଏହି ଦୁଇଟି ସ୍ଥାନକୁ ବିଶେଷ ଗୁରୁତ୍ୱ ଦିଆଯିବାର ଆବଶ୍ୟକତା ରହିଛି । ସ୍ଥାନ ଦ୍ୱୟର ମହତ୍ତ୍ୱକୁ ଆଖି ଆଗରେ ରଖି ସରକାର ତ ପଦକ୍ଷେପ ନେବେ, ତା ସହିତ ଲୋକେ ମଧ ସଚେତନ ହୋଇ ଯେଉଭଳି କୌଣସି କ୍ଷତି ନ ପହଞ୍ଚେ ସେଥିପ୍ରତି ଯତ୍ନବାନ ହେବା ବିଧେୟ ।

ଆମ ଦେଶର ପ୍ରାଚୀନ ଓ ମହାନ୍ ପରମ୍ପରାରେ ଐତିହାସିକ କିର୍ତ୍ତୀରାଜିର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଛି । ଏସବୁ ଆମ ଦେଶର ଅତୀତର ସ୍ମାରକୀ ବହନ କରନ୍ତି । ସେଥିପାଇଁ ଆମ ଦେଶର ସମ୍ବିଧାନ ସରକାରଙ୍କ ଏବଂ ନାଗରିକଙ୍କ ହାତରେ ଏକ ଗୁରୁଦାୟିତ୍ୱ ନ୍ୟସ୍ତ କରିଛନ୍ତି । ଐତିହାସିକ କୀର୍ତ୍ତୀରାଜିର ସଂରକ୍ଷଣରେ ସରକାରୁ ସହଯୋଗ କରିବା ପ୍ରତ୍ୟେକ ଭାରତୀୟ ନାଗରିକର କର୍ତ୍ତବ୍ୟ ।

**ଅବସରପ୍ରାପ୍ତ ସହକାରୀ ନିର୍ଦ୍ଦେଶକ**
**ଆକାଶବାଣୀ, ଧନୁପାଲି, ସମ୍ବଲପୁର**

## ଟିକିଏ ହସନ୍ତୁ

ଡାକ୍ତର: ମୁଁ ତୁମକୁ ଯେଉଁ ମେଡିସିନ୍ ଦେଇଥିଲି ତୁମର ସେଥିରେ ଫାଇଦା ହେଲା ବୋଧେ !
ମୋନୁ: ନା, ଡାକ୍ତର ଅଙ୍କଲ ମୁଁ ସେ ମେଡିସିନ୍ ଏ ପର୍ଯ୍ୟନ୍ତ ଖାଇନାହିଁ ।
ଡାକ୍ତର: କାହିଁକି ?
ମୋନୁ: କାରଣ ବୋତଲ ଉପରେ ଲେଖା ଥିଲା ଠିପି ସବୁବେଳେ ବନ୍ଦ ରଖିବ । ସେଥିପାଇଁ ମୁଁ ଠିପି ଏ ପର୍ଯ୍ୟନ୍ତ ଖୋଲିନାହିଁ ।

× × × ×



ମିଣ୍ଟୁ କହିଲୁ ଚିଣ୍ଟୁ ଫାଇଭ୍ ପରେ କ'ଣ ଆସେ ?
ଚିଣ୍ଟୁ: ଜିରୋ ।
ମିଣ୍ଟୁ: ଆରେ, ଜିରୋ କ'ଣ ଆସେ କେଉଁଠି ?
ଚିଣ୍ଟୁ: ଫ୍ୟାନ୍ ରେଗୁଲେଟରରେ ।

× × × ×

ଜଣେ ଭିକାରୀ ଆସି କହିଲା– ବାବୁ ଭଗବାନଙ୍କ ନାମରେ କିଛି ଦିଅ ।
ବାବୁ ଜଣକ କହିଲେ – ଟିକେ ରହ ଆଣୁଛି, ନିଅ ।
ଭିକାରୀ: ଏ କ'ଣ ଧୂପକାଠି ଦେଉଛ ।
ବାବୁ: ତୁମେ ପରା କହିଲ ଭଗବାନଙ୍କ ନାମରେ ଦେବାକୁ !

× × × ×

ମନୋଜ ରାଜୁକୁ: ଝିଅମାନେ ଯଦି ପରଧନ, ତା'ହେଲେ ପୁଅମାନେ କ'ଣ ?
ରାଜୁ ନିଶ୍ଚିତଭାବେ ଚୋର ।
ମନୋଜ : କେମିତି ?
ରାଜୁ: କାହିଁକି ନା ଚୋରଙ୍କ ନଜର ସବୁବେଳେ ପରଧନ ଉପରେ ଥାଏ ।

× × × ×

ଦିଅର ଭାଉଜକୁ ଫୋନ୍ କରି: ଭାଉଜ ତମେ ଭାରି ସୁନ୍ଦର । ପୁରା ରାଣୀ ଭଳି ।
ଭାଉଜ ଖୁସି ହୋଇ : ସତରେ !
ଦିଅର : ହଁ, ଭାଉଜ ।
ଭାଉଜ : ହଉ ଛାଡ । ଏବେ କ'ଣ କରୁଛ କହିଲ ?
ଦିଅର :ଟାଇମ୍ ପାସ୍ ।

× × × ×

ଜଣେ ବ୍ୟକ୍ତି ତାଙ୍କ ଜ୍ୱାଇଁଙ୍କୁ ଗାଳି କରୁଥାନ୍ତି ।
ଏହାଦେଖି ମୋହନ ବାବୁ: ନିଜ ଜ୍ୱାଇଁଙ୍କୁ କିଏ କ'ଣ ଗାଳିଦିଏ ?
ବ୍ୟକ୍ତି: କ'ଣ ଆଉ କରିବି କହୁ ନାହାନ୍ତି, ମୁଁ କାଲି ହସ୍ପିଟାଲରୁ ଜ୍ୱାଇଁଙ୍କୁ ମେସେଜ୍ ଦେଲି 'ତମେ ବାପା ହେଇଗଲ' ।
ଆଉ ମୋର ଏଇ ଗୁଣବନ୍ତ ଜ୍ୱାଇଁ ଏଇ ମେସେଜକୁ ୫୦ ଜଣଙ୍କୁ ଫରୱାର୍ଡ କରିଦେଇଛନ୍ତି ।

× × × ×

ଓକିଲଙ୍କୁ ମହିଳା: ମୁଁ ସ୍ୱାମୀଙ୍କ ସହ ପୁଣିଥରେ ବିବାହ କରିବାକୁ ଚାହୁଁଛି ।
ଓକିଲ: ସାତ ଦିନ ତଳେ ତ ଡିଭୋର୍ସ ନେଇଛନ୍ତି ।
ପୁଣିଥରେ ବାହା ହେବାକୁ ଚାହୁଁଛନ୍ତି । ହେଲେ କାହିଁକି ?
ମହିଳା: ଡିଭୋର୍ସ ପରେ ସେ ବହୁତ ଖୁସି ଦେଖା ଯାଉଛନ୍ତି । ଆଉ ଏଇଟା ମୁଁ ସହିପାରୁନି ।

# ଧନିଆର ଉପକାରିତା

ଧନିଆକୁ ଭାରତୀୟ ବ୍ୟଞ୍ଜନରେ ମସଲା ରୂପରେ ବ୍ୟବହାର କରାଯାଇଥାଏ । ଏଥି ସହିତ ଏହାର ପତ୍ରକୁ ତରକାରିକୁ ସୁଗନ୍ଧ ଓ ସ୍ୱାଦିଷ୍ଟ କରିବା ପାଇଁ ମଧ ଉପଯୋଗ କରାଯାଇଥାଏ ।

ଧନିଆପତ୍ରର ବହୁ ଉପଯୋଗ ରହିଛି । ଧନିଆ ପତ୍ର ସହିତ ତେନ୍ତୁଳି ମିଶାଇ ସ୍ୱାଦିଷ୍ଟ ଚଟଣୀ କରାଯାଇଥାଏ । ଏହାର ପତ୍ରକୁ କେବଳ ଚଟଣୀ ନୁହେଁ ଆହୁରି ମଧ ସାଲାଡ୍, ତରକାରୀ, ଦହି ବାଇଗଣରେ ମିଶ୍ରଣ କଲେ ଏହାର ସ୍ୱାଦ ଦ୍ୱିଗୁଣିତ ହୋଇଥାଏ ।

ଧନିଆ ମଞ୍ଜିକୁ ପାନ ମସଲା ରୂପରେ ଉପଯୋଗ କରାଯାଏ । ଏଥି ସହିତ ଧନିଆପତ୍ର ସ୍ୱାସ୍ଥ୍ୟ ପାଇଁ ବହୁ ଉପଯୋଗୀ । ଧନିଆ ପାଚନ ଯନ୍ତ୍ରକୁ ମଜବୁତ କରିଥାଏ । ପ୍ରତିଦିନ ଖାଦ୍ୟ ଖାଇ ସାରିବା ପରେ ଭଜା ଧନିଆ ଖାଇବା ଫଳରେ ଖାଦ୍ୟ ଭଲ ଭାବେ



ହଜମ ହୋଇଥାଏ । ଗ୍ୟାସ୍ ଦୋଷ ଦୂର ହୋଇଥାଏ ।

ଏହାକୁ କ୍ଷୁଧା ବାଧକ ରୂପେ ବ୍ୟବହାର କରାଯାଏ, ପେଟର ବିକୃତି ବାୟୁ ଆଦି ଦୂର କରେ ।

ଆକସ୍ମିକ ମାଂସପେଶୀ ସଂକୋଚନ ମୂର୍ଚ୍ଛା ଆଦିରେ ଏହା ଗୁଣକାରୀ ।

ପାକସ୍ଥଳୀର କ୍ଷମତା ବଢ଼ାଏ । ଦରଦ ହେଉଥିବା ଗଣ୍ଠିରେ ଧନିଆକୁ ବାଟି ଲଗାଇଲେ ଏହା ବ୍ୟଥା କମାଏ ।

ଔଷଧାଦିକୁ ସୁଗନ୍ଧିତ କରିବା ପାଇଁ ଧନିଆକୁ ବହୁଳ ବ୍ୟବହାର କରାଯାଇଥାଏ ।

୨ ଗ୍ଲାସ୍ ପାଣିରେ ୨ ଚାମଚ ଧନିଆ ମଞ୍ଜି ପକାଇ ଭିଜାଇବାର ୪ ଘଣ୍ଟା ପରେ ଏହି ପାଣିକୁ ଆଖି ବନ୍ଦ କରି ଚେହେରା ଲଗାନ୍ତୁ । ୧-୨ ମାସ ପର୍ଯ୍ୟନ୍ତ ଲଗାତର ଲଗାଇଲେ ତ୍ୱଚାର ସୁନ୍ଦରତା ବୃଦ୍ଧି ହେବା ସହିତ ମୁହଁର ସମସ୍ତ ଦାଗ ଦୂର ହୋଇଥାଏ ।

ଗରମ ଦିନରେ ଘିମିରି କମାଇବା ପାଇଁ ତ୍ୱଚାରେ ଧନିଆ ପାଣିକୁ ବ୍ୟବହାର କରିବା ଫଳରେ ତ୍ୱଚାରୁ ଝାଳ ଗନ୍ଧ ଦୂର ହେବା ସହିତ ଘିମିରି ଦୂର ହୋଇଥାଏ ।

ଆଘାତ ଲାଗିବା ଯୋଗୁଁ ସୃଷ୍ଟି ହୋଇଥିବା କ୍ଷତସ୍ଥାନରେ ମଧ ଧନିଆ ଓ ହଳଦୀକୁ ପେଷି ଦିଅନ୍ତୁ । ଏହାକୁ ସୋରିଷ ତେଲରେ ଭାଜି ଦିଅନ୍ତୁ । ତାଉଆରୁ ଗରମ ଗରମ ନେଇ କ୍ଷତ ସ୍ଥାନରେ ପଟିବାନ୍ଧିବା ଫଳରେ କ୍ଷତ ଯନ୍ତ୍ରଣାରୁ ଉପଶମ ମିଳିବା ସହିତ ଘା' ମଧ ଅଳ୍ପଦିନ ମଧରେ ଶୁଖିଯାଇଥାଏ ।

ଖରାଦିନେ ପରିସ୍ରା ପୋଡା ହେଉଥିଲେ ମାଟି ପାତ୍ରରେ ୨-୩ ଗ୍ଲାସ୍ ପାଣିରେ ୫ ଚାମଚ ଶୁଖିଲା । ଧନିଆ ଭିଜାଇ ଦିଅନ୍ତୁ ସକାଳୁ ଏଥିରେ ମିଶି ମିଶାଇ ପିଅନ୍ତୁ । ଏଥିରେ ପେଟ ରୋଗ ଦୂର ହେବା ସହିତ ପରିସ୍ରା ପୋଡ଼ାରୁ ଉପଶମ ହୋଇଥାଏ । ପରିସ୍ରା ଅଟକିବା ପଥୁରି ରୋଗ, ମୁଣ୍ଡ ବୁଲାଇବା ଆଦି ରୋଗରୁ ଉପଶମ ମିଳିଥାଏ । ଏହି ପାଣି ଗର୍ଭବତୀଙ୍କ ପାଇଁ ଲାଭଦାୟକ ହୋଇଥାଏ ।

# ଦେହକୁ ହିତ କାକୁଡି

ସାଲାଡ୍ ବିନା ଖାଦ୍ୟ ଅସମ୍ପୂର୍ଣ୍ଣ । ଖାଇବା ଆଗରୁ ବା ପରେ ସାଲାଡ୍ ନ ଖାଇଲେ କିଛି ଗୋଟେ ବାକି ରହିଗଲା ପରି ଲାଗେ । ପୁଣି କାକୁଡି ବିନା ସାଲାଡ୍ ଅସମ୍ପୂର୍ଣ୍ଣ । କାକୁଡି ଆମ ଶରୀର ପାଇଁ କେତେ ଉପକାରୀ ତାହା ସମସ୍ତେ ଜାଣନ୍ତି । ହେଲେ ଏଥିରେ କି.କି ପୋଷକ ତତ୍ତ୍ୱ ଖାଦ୍ୟସାର ଓ ଖଣିଜ ରହିଛି ତାହା ଅଧିକାଂଶ ଲୋକ ଜାଣି ନ ଥିବେ । ଆମ ଶରୀରର ଇନଫ୍ଲାମେଟୋରି



ରେସପନସକୁ କାକୁଡି ଥଣ୍ଡା କରିବା ସହ ଏଞ୍ଜାଇମର ଗତିବିଧିକୁ ନିୟନ୍ତ୍ରଣ କରେ, ତେଣୁ ଗ୍ରୀଷ୍ମଋତୁ ପାଇଁ ଏହା ଏକ ଉତ୍ତମ ଖାଦ୍ୟ । ଏଥିରେ ଏକାଧିକ ଆଣ୍ଟିଅକ୍ସିଡାଣ୍ଟ ତତ୍ତ୍ୱ ସହିତ ଭିଟାମିନ୍ ସି' ଓ ବିଟା କେରୋଟିନ୍ ପ୍ରଚୁର ମାତ୍ରାରେ ଥାଏ ଯାହା ଶରୀର ପାଇଁ ଅତ୍ୟନ୍ତ ଜରୁରୀ ।

ମୁହଁରୁ ଦୁର୍ଗନ୍ଧ ବାହାରୁଥିଲେ ଗୋଟିଏ ଟୁକୁଡା କାକୁଡି କିଛି ସମୟ ପାଇଁ ପାଟିରେ ରଖନ୍ତୁ । ଦୁର୍ଗନ୍ଧ ଦୂର ହେବ ।

ଏଥିରେ ଭିଟାମିନ୍ ସି' ସହିତ ଭିଟାମିନ୍ ବି-୧, ବି-୫, ବି-୭ ରହିଛି । ତେଣୁ ନିୟମିତ କାକୁଡି ଖାଇଲେ ଦୁଶ୍ଚିନ୍ତା ଦୂର ହେବ ।

କାକୁଡିରେ ଥିବା ପ୍ରଚୁର ପରିମାଣର ପାଣି ଓ ଫାଇବର ପାଚନକ୍ରିୟାକୁ ସହଜ କରେ ଏବଂ ଖାଦ୍ୟ ଶୀଘ୍ର ହଜମ କରିବାରେ ସହାୟକ ହୁଏ । ଏଥିରେ ଥିବା ଆଣ୍ଟି ଇନଫ୍ଲାମେଟୋରି ଫ୍ଲେବୋନୋଲ ସ୍ମୃତିଶକ୍ତି ବୃଦ୍ଧି କରିବା ସହ ମସ୍ତିଷ୍କ ସୁସ୍ଥ ରଖିବାରେ ସହାୟକ ହୁଏ । ଏସିଡିଟି ହେଉଥିଲେ ଗୋଟେ ଗ୍ଲାସ କାକୁଡି ରସ ପିଅନ୍ତୁ, ଆରାମ ମିଳିବ । ଏସିଡ ରିଫ୍ଲକ୍ସରେ ପୀଡିତ ବ୍ୟକ୍ତି ନିୟମିତ କାକୁଡି ରସ ପିଇବା ଉଚିତ । ସନବର୍ଣ୍ଣରୁ ରକ୍ଷା ପାଇବା ପାଇଁ କାକୁଡି ରସ ବ୍ୟବହାର କରାଯାଇ ପାରେ । ପ୍ରତିଦିନ କାକୁଡି ଖାଇଲେ ଦେହରେ ଥିବା ୟୁରିକ୍ ଏସିଡର ସ୍ତର ହ୍ରାସ ପାଏ । ମଧୁମେହ ଓ ରକ୍ତଚାପ ନିୟନ୍ତ୍ରିତ ହୁଏ ।

# ପାଟି ଘା' ଭଲ କରେ ଗୁଜୁରାତି


ପାଟି ପୋଡ଼ିବା, ଖାଦ୍ୟ ଖାଇବା କି ପାଣି ପିଇବାରେ କଷ୍ଟ ହେଲେ ଆମେ ତାହାକୁ ପେଟ ଗରମ, ଖାଦ୍ୟ ଖାଇବାରେ ଅନିୟମିତତା କହି ଏଡ଼ାଇ ଯାଇପାରନ୍ତି କିନ୍ତୁ ଏହାର



ନିଦାନ ଆମ ହାତ ପାଆନ୍ତାରେ ପରିଚିତ ଗୁଜୁରାତି ହିଁ ଏଥିରୁ ମୁକ୍ତି ଦେଇଥାଏ । ସ୍ୱାଦିଷ୍ଟ ବ୍ୟଞ୍ଜନ ପାଇଁ ଆବଶ୍ୟକ ଗୁଜୁରାତି ବି ଏ ଅସୁଖ ଦୂର କରିବାରେ ସହାୟକ ହୋଇଥାଏ । ଗୁଜୁରାତି ଚୋବାଇଲେ ଏହା ପାଚନ କ୍ରିୟାକୁ ସୁସ୍ଥ ରଖିବା ସହ ଗଳା ଦରଜ ବି ଦୂର କରିଥାଏ ।

# ଆର୍ଥ୍ରାଇଟ୍ସ ପାଇଁ ଆଳୁ


ବୟସ ବୃଦ୍ଧି ସହିତ ଅଧିକାଂଶ ସମୟରେ ଦେଖାଯାଏ ଆଣ୍ଠୁଗଣ୍ଠି ରୋଗ କରାଳକୁ ଲୋକେ ଚାଲିଯାନ୍ତି । ଏ ରୋଗରେ କେବଳ ଭାରତୀୟ ନୁହନ୍ତି ବରଂ ବିଶ୍ୱର ଅନେକ ଲୋକ ପୀଡିତ । ଯେମିତି ଯେମିତି ଏ ରୋଗ ବଢ଼ିଚାଲେ, ମଣିଷ ପକ୍ଷେ ଚାଲିବା ବୁଲିବା କଷ୍ଟକର ହୋଇପଡେ । ଗଣ୍ଠି ରୋଗର



ସବୁଠୁ ଅଧିକ ପ୍ରଭାବ ଆଣ୍ଠୁ ଏବଂ ଅଣ୍ଟା ମେରୁଦଣ୍ଡ ଉପରେ ପଡିଥାଏ । ଏହାଛଡ଼ା ହାତ ଆଙ୍ଗୁଠି, କହୁଣୀ, ଜଂଘ ଏବଂ ପାଦ ମଧ ପ୍ରଭାବିତ ହୋଇଥାଏ । ବିଶେଷଜ୍ଞଙ୍କ ମତରେ, ଦେଶର ୧୫ କୋଟିରୁ ଉର୍ଦ୍ଧ୍ୱ ଲୋକ ଏବେ ଏହି ରୋଗରେ ପୀଡିତ । ଯେଉଁଭଳି ଭାବେ ରୋଗ ବଢ଼ିଚାଲିଛି, ଅନୁମାନ ହେଉଛି ଆସନ୍ତା କିଛି ବର୍ଷରେ ଅର୍ଥ୍ରାଇଟ୍ସ ଲୋକଙ୍କ ଶାରୀରିକ ରୂପେଅପଙ୍ଗ କରିବାର ଚତୁର୍ଥ ପ୍ରମୁଖ କାରଣ ପାଲଟିବ । ଏଥିରୁ ରକ୍ଷା ପାଇବାକୁ ଅନେକ ପ୍ରକାରର ଚିକିତ୍ସା ପଦ୍ଧତି ଅବଲମ୍ବନ କରାଯାଉଛି । କେଉଁଥିରୁ ଆରାମ ମିଳୁଥିବା ବେଳେ କେଉଁଥିରୁ ଆଦୌ ଉପଶମ ହେଉନାହିଁ । କିନ୍ତୁ ଜାଣନ୍ତି, ଏ ରୋଗର ଯନ୍ତ୍ରଣା ଲାଘବ କରିବାରେ ଆଳୁ ବେଶ୍ ଲାଭପ୍ରଦ । କଞ୍ଚା ଆଳୁ ରସକୁ ଅର୍ଥ୍ରାଇଟ୍ସ ଚିକିତ୍ସା କ୍ଷେତ୍ରରେ ବେଶ୍ ଉତ୍ତମ ବୋଲି କୁହାଯାଇଛି ।

# ଔଷଧୀୟ ସଜନା ଶାଗ

ସଜନା ଶାଗ ମଧୁମେହ ପ୍ରତିରୋଧୀ । ଶାଗ ଭଜା, ସୁପ, ଚଟଣି ଖାଦ୍ୟରେ ସାମିଲ କରନ୍ତୁ । ଏହା ଦ୍ୱାରା ରକ୍ତ ଶର୍କରା ନିୟନ୍ତ୍ରଣରେ ରହେ ।



କୋଲେଷ୍ଟ୍ରଲ, ଚର୍ବି ସମସ୍ୟାରେ ପଡିଥିଲେ ସଜନା ଶାଗ ଖାଆନ୍ତୁ । କମିଯିବ । ଏହା ତନ୍ତୁରେ ସମୃଦ୍ଧ । ଖାଦ୍ୟ ହଜମ ବଢ଼ାଏ । ଅନ୍ତନଳିକୁ ସୁରକ୍ଷିତ ରଖେ । କୋଷ୍ଠକାଠିନ୍ୟ ସମସ୍ୟା ରହେନାହିଁ । ସଜନା ଶାଗ ଏଣ୍ଟିଅକ୍ସିଡାଣ୍ଟରେ ଭରପୂର ଥିବାରୁ ଉଚ୍ଚ ରକ୍ତଚାପ ରୋଗୀଙ୍କ ପାଇଁ ଲାଭଦାୟକ । ହୃଦ୍ ଧମନି ରୋଗରୁ ନିରାପଦ ରଖେ । ରକ୍ତହୀନତା ଓ ଦୁର୍ବଳ ଦୃଷ୍ଟିଶକ୍ତି ପାଇଁ ସଜନା ଶାଗ ଖାଆନ୍ତୁ, ସୁଫଳ ମିଳିବ । ଏହା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧିକାରୀ ଶାଗ । ସଜନା ଶାଗ ଖାଇଲେ ଋତୁସ୍ରାବ ସମସ୍ୟା ରହେ ନାହିଁ, ନିୟମିତ ହୁଏ । ଯନ୍ତ୍ରଣାରୁ ବି ଉପଶମ ମିଳେ ।

## ଆପଣ ଜାଣନ୍ତି କି ?

- ସନ୍ତରଣ କଲା ବେଳେ ଡଲଫିନ୍ ତାର ମସ୍ତିଷ୍କର ଗୋଟିଏ ପଟକୁ ସୁପ୍ତ ରଖିପାରୁଥିବା ବେଳେ ଅନ୍ୟ ପଟଟିକୁ ସକ୍ରିୟ ରଖିପାରେ ।
- ୨୦୧୭ ମସିହାରେ ପ୍ରକାଶିତ ମିଳିତ ଜାତିସଂଘର ଏକ ଆଲେଖ୍ୟରୁ ଏହା ଆଶଙ୍କା କରାଯାଇଛି ଯେ କାର୍ବନ ନିଃସରଣ ମାତ୍ରା ହ୍ରାସ ନ ପାଇଲେ ୨୧୦୦ ମସିହା ବେଳକୁ ୨୯ଟି ଐତିହ୍ୟବାହି ପ୍ରବାଳ ପ୍ରାଚୀର ଧ୍ୱଂସ ପାଇଯିବ ।
- ଉତ୍ତର କାନାଡାରେ ଦେଖା ଯାଉଥିବା ନାଲି ରଙ୍ଗର ଏକ ପ୍ରକାରର ବାଦୁଡି ଶୀତନିଦ୍ରାକୁ ଚାଲିଗଲେ ଜୀବିତ ରହିବା ପାଇଁ ୧୦ ମିନିଟରେ ଥରେ ମାତ୍ର ନିଃଶ୍ୱାସ ନେଇଥାଆନ୍ତି ।
- ବିଶ୍ୱର ସବୁଠାରୁ ଦ୍ରୁତ ବୃଦ୍ଧି ପାଉଥିବା ଗଛର ନାଁ ୪୫ ଜେନେରା । ଗବେଷଣାରୁ ଜଣାଯାଇଛି ଯେ ଏହି ଗଛ ପ୍ରତିଦିନ ୯୧ ସେଣ୍ଟିମିଟର ପର୍ଯ୍ୟନ୍ତ ବୃଦ୍ଧି ପାଇଥାଏ ।
- ଖାଦ୍ୟ ପ୍ରତି ଥିବା ଭୟକୁ କୁହାଯାଏ ସିବୋଫୋବିୟା ।
- କ୍ରାନବେରିକୁ କୁହାଯାଇଥାଏ ବାଉନ୍ସ ବେରି । କାରଣ ପାଚିଗଲା ପରେ ଏହି କୋଳିଗୁଡିକ ତଳେ ପଡିଲେ ରବର ବଲ ଭଳି ଡିଆଁ ମାରିଥାଆନ୍ତି ।
- ଟ୍ରେଟ୍ରୋପ୍ୟାକର '୧୦୦ ପ୍ରତିଶତ ଖାଣ୍ଟି' ଲେମ୍ବୁ ରସ ୧୦୦ ପ୍ରତିଶତ କୃତ୍ରିମ ସ୍ୱାଦରେ ଭରା ।
- ଜାଣିଲେ ଅବାକ୍ ହେବେ ଯେ ବନ୍ଧାକୋବିର ୯୧ ପ୍ରତିଶତ ହେଉଛି ପାଣି ।
- ଜୋକର କେତୋଟି ମସ୍ତିଷ୍କ ଥାଏ ଜାଣନ୍ତି ? ଭାବୁଛନ୍ତି କି ଦୁଇ ତିନୋଟି ହୋଇଥିବ । ଜୋକର ୩୨ ଟି ମସ୍ତିଷ୍କ ଥାଏ ।

## କହିପାରିବେ କି ?

(୧) ଗାଈର କେତୋଟି ଦାନ୍ତ ଥାଏ ?
(୨) ଆମ୍ବ ଗଛକୁ ଜାତୀୟ ଗଛ ଭାବେ ବାଙ୍ଗଲାଦେଶ କେବେ ଘୋଷଣା କରିଥିଲା ?
(୩) ବ୍ରୋକୋଲି ପ୍ରକୃତରେ କ'ଣ ?
(୪) ବହୁ ଦଶନ୍ଧି ପୂର୍ବେ ହଲାଣ୍ଡରେ ସୁନାଠାରୁ ଅଧିକ ମୂଲ୍ୟବାନ କ'ଣ ଥିଲା ?
(୫) ବିଶ୍ୱର ସବୁଠାରୁ ଅଧିକ କିଣାଯାଉଥିବା ଓ ବିକ୍ରୀ ହେଉଥିବା ଜିନିଷ କ'ଣ ?
(୬) ଓଟ କେତେ ଦିନ ବିନା ପାଣିରେ ଜୀବିତ ରହିପାରେ ?
(୭) ପ୍ରତ୍ୟେକ ବର୍ଷ ଭାରତରେ ଆମେରିକା ଠାରୁ କେତେ ଗୁଣ ଅଧିକ ଇଞ୍ଜିନିୟର ସୃଷ୍ଟି ହୁଅନ୍ତି ?
(୮) ଟାଇଟାନିକ ଜାହାଜ ତିଆରି ପାଇଁ କେତେ ସମୟ ଲାଗିଥିଲା ?
(୯) ବରଫାବୃତ ଆଣ୍ଟାର୍କିକା ଠାରେ କେତେ ତାପମାତ୍ରା ଥାଏ ?
(୧୦) ଗୁଗୁଲ ତା'ର ଇ-ମେଲ ସାର୍ଭିସ ଜିମେଲ୍ କେଉଁ ସ୍ମରଣୀୟ ଦିବସରେ ଆରମ୍ଭ କରିଥିଲା ?

### JUMBLE WORDS

| | | | |
|---|---|---|---|
| 1) GYRBU | = | 6) NRWDA | = |
| 2) PTNUI | = | 7) NOGUTE | = |
| 3) CAATUL | = | 8) MBOCEE | = |
| 4) SRTOYP | = | 9) TAAEB | = |
| 5) EHLOL | = | 10) KONTE | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧. ସୂର୍ଯ୍ୟ, ୨. ମନ୍ଦୋଦରୀ, ୩. ଚବିଶ ହଜାର, ୪. ରେଣୁକା, ୫. ହନୁମାନ, ୬. ୧୯୩୮, ୭. ସ୍ୱିଡେନ, ୮. ୩ଟି, ୯. ଅସରପା, ୧୦. ପାର୍ଲେଜି ।

***Jumble Words*** **ର ଉତ୍ତର :-**

(1) HUMID (2) PICKY (3) CAUGHT (4) RELENT (5) PILOT
(6) POKER (7) MAGNET (8) FONDUE(9) DIRTY (10) MOTTO

# ଆଇଆଇଏମ୍ ସମ୍ବଲପୁର ପକ୍ଷରୁ ଦିଲ୍ଲୀ ଚାପ୍ଟର ଅଫ୍ ଆଇ-ହବ୍ ଫାଉଣ୍ଡେସନ୍ ଘୋଷଣା

ସମ୍ବଲପୁର : ଆଇଆଇଏମ ସମ୍ବଲପୁର ବିକଶିତ ଭାରତ ୨୦୪୭ ପାଇଁ ଭାରତର ଦୃଷ୍ଟିକୋଣ ସହିତ ସମନ୍ୱିତ ହୋଇ ଏହାର ନୂତନ ଉଦ୍ୟୋଗ କେନ୍ଦ୍ର ଆଇ-ହବ୍ ଫାଉଣ୍ଡେସନର ଦିଲ୍ଲୀ ଚାପ୍ଟର ଆରମ୍ଭ କରିବାକୁ ଘୋଷଣା କରିଛି । ଆଇଆଇଏମ ସମ୍ବଲପୁର ଦ୍ୱାରା ସ୍ଥାପିତ ଆଇ-ହବ୍ ଫାଉଣ୍ଡେସନର ଲକ୍ଷ୍ୟ ହେଉଛି ଉଦ୍ୟୋଗୀ, ଆଲୁମିନି ଏବଂ ଶିଳ୍ପ ଅଂଶୀଦାରମାନଙ୍କୁ ଯୋଡ଼ିବା । ଏହା ନୀତିନିର୍ମାତା, ନିବେଶକ ଏବଂ କର୍ପୋରେଟ ଲିଡରମାନଙ୍କ ପାଇଁ ନୂତନତ୍ୱ, ଇନକ୍ୟୁବେସନ ଏବଂ ନିବେଶ ସୁଯୋଗ ବୃଦ୍ଧି କରି ଉଦ୍ୟୋଗୀ କାର୍ଯ୍ୟକଳାପକୁ ପ୍ରୋତ୍ସାହନ ଦେବ । ଏହି ଉଦ୍‌ଘାଟନ ଆଇଆଇଏମ ସମ୍ବଲପୁରର ଦିଲ୍ଲୀ କ୍ୟାମ୍ପସରେ ଆୟୋଜିତ ବାର୍ଷିକ




ବ୍ୟବସାୟ ସମ୍ମିଳନୀ ମର୍ମଙ୍କ ୧୦.୦ରେ ଲୋକାର୍ପଣ ସମାରୋହରେ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓ ଏନଡିସିର ଭାରପ୍ରାପ୍ତ ସିଇଓ ଓ ସିଏଫଓ ବିଭୋର ଜୈନ, ସମ୍ମାନିତ ଅତିଥି ଭାବେ ଆଇଟିସିର ମାନବସମ୍ବଳ ମୁଖ୍ୟ ଅଲତାଫ ହୁସେନ ଓ ମୁଖ୍ୟବକ୍ତା ଭାବେ ମାଇକ୍ରୋସଫ୍ଟ ଏସିଆର ବରିଷ୍ଠ ନିର୍ଦ୍ଦେଶକ (କଷ୍ଟମ କନସଲଟିଂ) ଫରହାନା ହକ୍ ଉପସ୍ଥିତ ଥିଲେ ।

ଆଇଆଇଏମ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ କହିଛନ୍ତି ଯେ, ଆଇ-ହବ୍ ଫାଉଣ୍ଡେସନର ଦିଲ୍ଲୀ ଚାପ୍ଟର ନୂତନତ୍ୱ ପାଇଁ ଏକ ସଂଯୁକ୍ତ, ସହଯୋଗୀ ବ୍ୟବସ୍ଥା ସୃଷ୍ଟି କରିବା ଦିଗରେ ଆମ ଯାତ୍ରାରେ ଏକ ନୂଆ ଅଧ୍ୟାୟ ଉଦ୍ୟମିତା ଆଇଆଇଏମ ସମ୍ବଲପୁରର ମିଶନରେ ମୂଳ ସ୍ଥାନ ରହିଛି ଏବଂ ଏହି ବିସ୍ତାର ଆମ ଆଲୁମିନି ଓ ନୂତନତ୍ୱ ସୃଷ୍ଟିକାରୀମାନଙ୍କୁ ବିକଶିତ ଭାରତ ୨୦୪୭ର ଆତ୍ମା ସହିତ ଜାତୀୟ ପ୍ରଗତିରେ ଯୋଗଦାନ କରିବାକୁ ସଶକ୍ତ କରୁଛି । ଆଇ-ହବ୍ ଫାଉଣ୍ଡେସନ, ଆଇଆଇଏମ ସମ୍ବଲପୁରର ସିଇଓ-ଇନ-ଚାର୍ଜ ପ୍ରଫେସର ଅତୁଲ ପ୍ରସାର କହିଛନ୍ତି ଯେ, ଆଲୁମିନି ଇନକ୍ୟୁବେସନ ସ୍କିମ ଏକ ପ୍ଲାଟଫର୍ମରୁ ଅଧିକ । ଏହା ଧାରଣାଗୁଡ଼ିକୁ ପ୍ରଭାବରେ ପରିଣତ କରିବା ପାଇଁ ଏକ ପ୍ରତିବଦ୍ଧତା । ଆମ ଉଦ୍ୟୋଗୀମାନଙ୍କୁ ସଠିକ ମେଣ୍ଟର ଏବଂ ନିବେଶକମାନଙ୍କ ସହ ସଂଯୋଗ କରି ଆମେ ଆଇଆଇଏମ ସମ୍ବଲପୁର ସମୁଦାୟରୁ ସ୍ଥାୟୀ, ଉଦ୍ଦେଶ୍ୟ ଦ୍ୱାରା ପରିଚାଳିତ ଷ୍ଟାର୍ଟଅପମାନଙ୍କ ଏକ ନୂଆ ତରଙ୍ଗକୁ ସକ୍ଷମ କରୁଛୁ ।

ଆଇ-ହବ୍ ଫାଉଣ୍ଡେସନ ପ୍ରଥମ ଉଦ୍ୟୋଗ ଭାବେ ଆଲୁମିନି ଇନକ୍ୟୁବେସନ ସ୍କିମ ଘୋଷଣା କରିଛି ଯାହା ଆଇଆଇଏମ ସମ୍ବଲପୁର ଆଲୁମିନିଙ୍କ ଦ୍ୱାରା ପ୍ରତିଷ୍ଠିତ ଷ୍ଟାର୍ଟଅପମାନଙ୍କୁ ପ୍ରୋତ୍ସାହନ ଦେବା ପାଇଁ ଏକ ନିର୍ଦ୍ଦିଷ୍ଟ ପ୍ଲାଟଫର୍ମ । ଏହି ଯୋଜନା ଆତ୍ମନିର୍ଭର ଭାରତ ପାଇଁ ଉଦ୍ୟୋଗୀ ନେତୃତ୍ୱର ପଥ ପ୍ରଶସ୍ତ କରିବ, ମେଣ୍ଟରସିପ, ଫଣ୍ଡିଂ ନେଟୱାର୍କ ଏବଂ ନିବେଶକ ଅଂଶୀଦାରୀ ମାଧ୍ୟମରେ ଉଦୀୟମାନ ବ୍ୟବସାୟୀ ମାନଙ୍କୁ ସହାୟତା ପ୍ରଦାନ କରିବ ।

# ଜଙ୍ଗଲ ଜମି ଖାଲି କରିବାକୁ ଓଡ଼ିଶା ମେଟାଲିକ୍ସକୁ ନିର୍ଦ୍ଦେଶ




ଝାରସୁଗୁଡ଼ା: ସଦର ବ୍ଲକ ଅଧିନ ମରାକୁଟାଠାରେ ଥିବା ଓଡ଼ିଶା ମେଟାଲିକ୍ସ କମ୍ପାନୀ ଜଙ୍ଗଲ ଜମିରେ ବେଆଇନ ନିର୍ମାଣ ବନ୍ଦ ସହ ଜଙ୍ଗଲ ଜମି ଖାଲି କରିବାକୁ ଡିଏଫଓ ନିର୍ଦ୍ଦେଶ ଦେଇଛନ୍ତି । ସୂଚନା ଅନୁଯାୟୀ, ଉକ୍ତ କମ୍ପାନୀ ଜଙ୍ଗଲ ଜମି ବ୍ୟବହାର କରୁଥିବା ନେଇ ମରାକୁଟା ନାଏବ ସରପଞ୍ଚ ଆଶିଷ କୁମାର ଗର୍ଡିଆ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ । ଜିଲ୍ଲାପାଳ ଏହାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ବନଖଣ୍ଡ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବନଖଣ୍ଡ ଅଧିକାରୀ ଏହାର ଯୁଗ୍ମ ତଦନ୍ତ ପାଇଁ ଝାରସୁଗୁଡ଼ା ରେଞ୍ଜର ଏବଂ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପରେ ତହସିଲଦାରଙ୍କ ପକ୍ଷରୁ ଆର୍‌ଆଇ ରୁପାଲୀ ଓରାମ୍, ରେଞ୍ଜର ବିଜୟ ପ୍ରଧାନ, ଅଭିଯୋଗକାରୀ ଆଶିଷ କୁମାର ଗର୍ଡିଆ, ଓଡ଼ିଶା ମେଟାଲିକ୍ସ କମ୍ପାନୀର ଅଧିକାରୀ ମିଶି ଗତ ସେପଟ୍ମ୍ବର ୧୯ରେ କମ୍ପାନୀ ପରିସରରେ ଥିବା ଜଙ୍ଗଲ ଜମିର ତଦନ୍ତ ଏବଂ ମାପଚୁପ କରିଥିଲେ । ଯୁଗ୍ମ ତଦନ୍ତ ପରେ ରେଞ୍ଜର, ଆରଆଇ ସମସ୍ତ ରିପୋର୍ଟ ବନ ବନଖଣ୍ଡ ଅଧିକାରୀଙ୍କୁ ପ୍ରଦାନ କରିଥିଲେ । ଏହି ରିପୋର୍ଟରେ ଉକ୍ତ କମ୍ପାନୀ ଖାତା ନମ୍ବର ୨୮୨, ପ୍ଲଟ୍ ନମ୍ବର ୨୦୪, ୨୦୫, ୨୦୬, ୨୦୨, ୩୮୧, ୪୬୪, ୪୬୬, ୪୭୦, ୧୩୮, ୧୯୯ କିସମ ଗ୍ରାମ୍ୟ ଜଙ୍ଗଲକୁ ବେଆଇନ ଭାବେ ବ୍ୟବହାର କରୁଥିବା ନେଇ ଦର୍ଶାଯାଇଛି । ଏହାକୁ ନେଇ ଝାରସୁଗୁଡ଼ା ବନଖଣ୍ଡ ଅଧିକାରୀ ଅଶୋକ ମନୁଭଇ ଏକ ଚିଠି ମାଧ୍ୟମରେ ଉକ୍ତ କମ୍ପାନୀ ବ୍ୟବହାର କରୁଥିବା ଜଙ୍ଗଲ ଜମିରେ ବେଆଇନ ନିର୍ମାଣ ତୁରନ୍ତ ବନ୍ଦ କରି ଖାଲି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ କମ୍ପାନୀ ଭିଏନ୍ ଅଧିନିୟମ - ୧୯୮୦ରେ ସମ୍ପୂର୍ଣ୍ଣ ଭାବେ ଉଲଂଘନ କରିଥିବା ଚିଠିରେ ଦର୍ଶାଇଛନ୍ତି ।

# ଝାରସୁଗୁଡ଼ା ଜିଲ୍ଲାକୁ ଏମ୍‌ସିଏଲ୍‌ର ୨୦ କୋଟି ୯୨ ଲକ୍ଷ ସହାୟତା



ସମ୍ବଲପୁର : ଏମ୍‌ସିଏଲ୍ ସର୍ବାଙ୍ଗୀନ ବିକାଶ ଅଭିଯାନରେ ଝାରସୁଗୁଡ଼ା ଜିଲ୍ଲାର ବ୍ରଜରାଜନଗର, ବେଲପାହାଡ ଏବଂ ଲଖନପୁର ବ୍ଲକ ଅନ୍ତର୍ଗତ ଗ୍ରାମାଞ୍ଚଳକୁ ସାମିଲ କରିଛି । ଜିଲ୍ଲାର ଗ୍ରାମଗୁଡ଼ିକର ସର୍ବାଙ୍ଗୀନ ବିକାଶ ପାଇଁ ଏମ୍‌ସିଏଲ୍ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛି । ଏହିକ୍ରମରେ ଏମ୍‌ସିଏଲ୍ ଓ ଝାରସୁଗୁଡା ଜିଲ୍ଲା ପ୍ରଶାସନ ମଧ୍ୟରେ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷର ହୋଇଛି । କମ୍ପାନୀ ଏହାର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସଆର) ଅଧିନରେ ଝାରସୁଗୁଡା ଜିଲ୍ଲା ପ୍ରଶାସନକୁ ୨୦.୯୨ କୋଟି ଟଙ୍କା ପ୍ରଦାନ କରିଛି । ଏହି ଅର୍ଥ ନାଗରିକ ଭିତ୍ତିଭୂମି ଏବଂ ସାମୁଦାୟିକ ସୁବିଧାଗୁଡ଼ିକ ସୁଦୃଢ଼ ହେବ । ଏହି ପଦକ୍ଷେପରେ ସୌର ଚାଳିତ ହାଇମାଷ୍ଟ ଏବଂ ଷ୍ଟ୍ରିଟଲାଇଟ୍ ସ୍ଥାପନ, ସ୍ୱୟଂ ସହାୟକ ଗୋଷ୍ଠୀ କର୍ମଶାଳା ସେଡ୍, କମ୍ୟୁନିଟି ହଲ, ମିଶନ ଶକ୍ତି ଗୃହ, ଭେଣ୍ଡିଂ ଜୋନ୍, ବସ୍‌ଷ୍ଟପ୍ ଏବଂ ପାନୀୟ ଜଳ ସୁବିଧା ଅନ୍ତର୍ଭୁକ୍ତ ରହିଛି । ଏହା ସହିତ ଆମ୍ବୁଲାନ୍ସ, ଶବବାହକ ଭ୍ୟାନ, ଫଗିଙ୍ଗ୍ ମେଶିନ୍, ପାଣି ଟ୍ୟାଙ୍କର କ୍ରୟ ଏବଂ ପୋଖରୀ ଓ ଖେଳ ପଡ଼ିଆର ବିକାଶ ଭଳି କାର୍ଯ୍ୟକଳାପ ମଧ୍ୟ ଅନ୍ତର୍ଭୁକ୍ତ ହେବ । ଏହି ଚୁକ୍ତିନାମା ସ୍ମାରକ ପତ୍ରରେ ଏମ୍‌ସିଏଲ ମହାପ୍ରବନ୍ଧକ (ସିଏସଆର) ଏବଂ ଝାରସୁଗୁଡା ଜିଲ୍ଲା ପରିଷଦ ଉନ୍ନୟନ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାକ୍ଷର କରିଥିଲେ ।

# ଏସ୍‌ଏମ୍‌ସି ନିର୍ବାଚନ ପାଇଁ ସାନି ବିଜ୍ଞପ୍ତି ପ୍ରକାଶ ପାଇଲା ନାହିଁ

ସମ୍ବଲପୁର : ସମ୍ବଲପୁର ମହାନଗର ନିଗମ ୱାର୍ଡ ସଂରକ୍ଷଣ ସାନି ବିଜ୍ଞପ୍ତି ପ୍ରକାଶ କରିବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ରାୟ ପ୍ରକାଶ ପାଇବାର ଛଅ ସପ୍ତାହ ପୂରି ଯାଇଥିଲେ ମଧ ଏହା ଭିତରେ ଏଭଳି କୌଣସି ପ୍ରକ୍ରିୟା ଆରମ୍ଭ ହୋଇ ନାହିଁ । ସମ୍ବଲପୁର ଜିଲ୍ଲା ପ୍ରଶାସନ କିମ୍ବା ଏସ୍‌ଏମ୍‌ସି ପକ୍ଷରୁ ସେମିତି କୌଣସି ତତ୍ପରତା ମଧ ଦେଖିବାକୁ ମିଳିନାହିଁ ବୋଲି ଏହି ମାମଲାର ଇଣ୍ଟର୍‌ଭେନର୍ (ପକ୍ଷ) ଆଇନଜୀବି ଦୁର୍ଗା ପାଢ଼ୀ କହିଛନ୍ତି ।



୨୦୧୩ ମସିହାରେ ସମ୍ବଲପୁର ମହାନଗର ନିଗମ ଘୋଷଣା ହୋଇଥିଲା । ନିର୍ବାଚନ ପାଇଁ ତତ୍କାଳୀନ ରାଜ୍ୟ ସରକାର ୨୦୧୫ରେ ୱାର୍ଡ ସଂରକ୍ଷଣ କରିଥିଲେ । ହେଲେ ଏହି ସଂରକ୍ଷଣ ବ୍ୟବସ୍ଥା ୫୦ ପ୍ରତିଶତରୁ ଅଧିକ ଥିବାରୁ ଏନେଇ ହାଇକୋର୍ଟରେ ମାମଲା ଦାୟାର ହୋଇଥିଲା । ମାମଲାର ବିଚାର ପ୍ରାୟ ୧୦ ବର୍ଷ ଚାଲିବା ସହ ଏସଏମ୍‌ସି ନିର୍ବାଚନ ବନ୍ଦ ରହିଥିଲା । ହେଲେ ଗତ ସେପ୍ଟେମ୍ବର ୩ ତାରିଖରେ ଏହି ମାମଲାର ରାୟ ଶୁଣାଇଥିଲେ ହାଇକୋର୍ଟ । ୨୦୧୫ ମସିହାରେ ମହାନଗର ନିଗମର ୱାର୍ଡ ସଂରକ୍ଷଣକୁ ନେଇ ଜାରି ହୋଇଥିବା ବିଜ୍ଞପ୍ତିକୁ ହାଇକୋର୍ଟ ରଦ୍ଦ କରିଥିଲେ । ଏହାସହ ୱାର୍ଡ ସଂରକ୍ଷଣ ବିଜ୍ଞପ୍ତି ଉପରେ ଜାରି ହୋଇଥିବା ରହିତାଦେଶକୁ ହଟାଇଥିଲେ । ଆସନ୍ତା ୬ ସପ୍ତାହ ମଧ୍ୟରେ ୱାର୍ଡ ସଂରକ୍ଷଣକୁ ନେଇ ସାନି ବିଜ୍ଞପ୍ତି ଜାରି କରିବାକୁ ଅଦାଲତ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ମାମଲାକୁ ୬ ସପ୍ତାହ ବିତି ଯାଇଛି । କିନ୍ତୁ ଆଜି ପର୍ଯ୍ୟନ୍ତ କୌଣସି ସାନି ବିଜ୍ଞପ୍ତି ପ୍ରକାଶ ପାଇଲା ନାହିଁ । ଏନେଇ ଏସ୍‌ଏମ୍‌ସି ଅଧିକାରୀ ମଧ କିଛି ଜାଣି ନ ଥିବା କହିଛନ୍ତି । ନିର୍ବାଚନ ସମ୍ପର୍କରେ କୌଣସି ଆଲୋଚନା କିମ୍ବା ପ୍ରାଶାସନିକ ବ୍ୟବସ୍ଥା ହେଉନଥିବା ଅଭିଯୋଗ ହୋଇଛି । ଯାହାକୁ ନେଇ ପୁଣି ଥରେ ନିର୍ବାଚନକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ହାଇକୋର୍ଟରେ ପଡ଼ିଥିବା ମାମଲାର ଇଣ୍ଟରଭେନର୍(ପକ୍ଷ) ଦୁର୍ଗା ପାଢ଼ୀ କହିଛନ୍ତି, ବିଜେଡି ସରକାରଙ୍କ ସମୟରେ ଦୀର୍ଘ ୧୦ ବର୍ଷ ଧରି ନିର୍ବାଚନ ବନ୍ଦ ରହିଥିଲା । ହେଲେ ୨୦୨୪ରେ ରାଜ୍ୟରେ ସରକାର ପରିବର୍ତ୍ତନ ହେଲା । ବିଜେପି କ୍ଷମତାକୁ ଆସିଲେ ନିର୍ବାଚନ କରିବ ବୋଲି କହିଥିଲା । କିନ୍ତୁ କୌଣସି ପଦକ୍ଷେପ ଗ୍ରହଣ କଲେ ନାହିଁ । ଫଳରେ ବାଧ ରହିତାଦେଶ ହଟାଇବାକୁ ନେଇ ଆମେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲୁ । ଅଦାଲତ ଏହାର ବିଚାର କରି ସେପ୍ଟେମ୍ବର ୩ ତାରିଖରେ ଐତିହାସିକ ରାୟ ପ୍ରକାଶ କଲେ । କିନ୍ତୁ ଏହି ରାୟ ଅନୁସାରେ ରାଜ୍ୟ ସରକାର ଆଜି ପର୍ଯ୍ୟନ୍ତ ସାନି ବିଜ୍ଞପ୍ତି ଉପରେ କାମ କଲେ ନାହିଁ । ତେଣୁ ଅଦାଲତ ଅବମାନନା ନେଇ ପିଟିସନ୍ ଦାଖଲ କରାଯିବ । ପୂର୍ବ ସରକାର ଭଳି ବିଜେପି ମଧ ନିର୍ବାଚନ ଚାହୁଁ ନ ଥିବା ଶ୍ରୀ ପାଢ଼ୀ କହିଛନ୍ତି ।

**ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା**

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

**Subscription Rate of The Sweekar**

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

**Advertisement Tariff of The Sweekar**

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |
| Colour Advertisement | - | 100% Extra |

# ଝାରସୁଗୁଡ଼ାରେ ଓଡ଼ିଶା ଖଣି କନକ୍ଲେଭ



ଝାରସୁଗୁଡ଼ା: ଭାରତୀୟ ଶିଳ୍ପ ସଂଘ ଓ ଓଡ଼ିଶା ସରକାରଙ୍କ ମିଳିତ ଆନୁକୂଲ୍ୟରେ ଏଠାରେ ଆୟୋଜିତ ଓଡ଼ିଶା ଖଣି କନକ୍ଲେଭ ୨୦୨୫ ଉଦ୍‌ଯାପିତ ହୋଇଯାଇଛି । ଉଦଯାପନୀ ଦିବସରେ ଓଡିଶା ସରକାରଙ୍କ ଶିଳ୍ପ, ଦକ୍ଷତା ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ଶ୍ରୀ ସମ୍ପଦ ଚରଣ ସ୍ୱାଇଁ ଯୋଗଦେଇ କହିଥିଲେ ଯେ ଓଡ଼ିଶା ଆଉ କେବଳ ଖଣିଜ ଉତ୍ତୋଳନ କେନ୍ଦ୍ର ନୁହେଁ ବରଂ ଏକ ବ୍ୟାପକ ଶିଳ୍ପ ପରିବର୍ତ୍ତନର ନେତୃତ୍ୱ ନେଉଛି ଏବଂ ନିଜକୁ ଏକ ବିଶ୍ୱସ୍ତରୀୟ ଉତ୍ପାଦନ ଏବଂ ନିବେଶ ଗନ୍ତବ୍ୟସ୍ଥଳ ଭାବରେ ପ୍ରତିଷ୍ଠା କରୁଛି ।

ସେ କହିଥିଲେ ଯେ, ୨୦୨୪-୨୫ ବର୍ଷରେ ରାଜ୍ୟରେ ୩୬ ଲକ୍ଷ କୋଟିରୁ ଅଧିକ ମୂଲ୍ୟର ପ୍ରକଳ୍ପ ମଞ୍ଜୁର ସହିତ ୩.୫ ଲକ୍ଷରୁ ଅଧିକ ଲୋକଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିଥିଲା । 'ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍ ଏବଂ ଚାଲୁଥିବା ଶିଳ୍ପ ଅଭିଯାନ ୨୦ଟି କ୍ଷେତ୍ରରେ ୩୧୬.୬୭ ଲକ୍ଷ କୋଟି ଟଙ୍କାର ନିବେଶ ପ୍ରତିଶ୍ରୁତିକୁ ସୁନିଶ୍ଚିତ କରିଛି, ଯାହା ୧୨ ଲକ୍ଷରୁ ଅଧିକ ନୂତନ ନିଯୁକ୍ତି ସୃଷ୍ଟି କରିବ ବୋଲି ଆଶା କରାଯାଉଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ ।

ଏଥିରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଝାରସୁଗୁଡ଼ାରେ ଏସ୍‌ଇଜେଡ୍ ଖୋଲାଯିବା,



ଆଲୁମିନିୟମ ଓ ଷ୍ଟିଲ୍ ମଣ୍ଡି ପ୍ରତିଷ୍ଠା କରାଯିବା ଓ ଝାରସୁଗୁଡ଼ା ଇଞ୍ଜିନିୟରିଂ ସ୍କୁଲକୁ କଲେଜର ମାନ୍ୟତା ଦିଆଯିବା ପାଇଁ ସରକାରଙ୍କୁ ଅନୁରୋଧ କରିଥିଲେ ।

ଭାରତୀୟ ଶିଳ୍ପ ମହାସଂଘ ଓଡ଼ିଶା ରାଜ୍ୟ ପରିଷଦର ପୂର୍ବତନ ଅଧକ୍ଷ ଡକ୍ଟର ପ୍ରଦୀପ୍ତ ମହାନ୍ତି ଖଣିଜ ବିକାଶକୁ ସ୍ଥାୟୀତ୍ୱ ଏବଂ ନବସୃଜନ ସହିତ ସମନ୍ୱିତ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଅନ୍ୟାନ୍ୟମାନଙ୍କ ମଧରେ ଭାରତୀୟ ଶିଳ୍ପ ମହାସଂଘ ଓଡ଼ିଶା ରାଜ୍ୟ ପରିଷଦର ଉପାଧକ୍ଷ ଶ୍ରୀ ଜି. ସୁରେଶ, ବେଦାନ୍ତ ଆଲୁମିନିୟମ ଲିମିଟେଡର ସିଇଓ ଶ୍ରୀ ସି. ଚନ୍ଦ୍ର, ଆଦିତ୍ୟ ଆଲୁମିନିୟମର ଉପଦେଷ୍ଟା ବିଭୁ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ ।

ଶେଷରେ ଭାରତୀୟ ଶିଳ୍ପ ମହାସଂଘ ଓଡ଼ିଶା ରାଜ୍ୟ ପରିଷଦର ସଦସ୍ୟ ଶ୍ରୀ ପ୍ରବୋଧ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଦୁଇଦିନିଆ କନକ୍ଲେଭକୁ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଉଦ୍‌ଘାଟନ କରିଥିଲେ । ଉଦ୍‌ଘାଟନୀ ଉତ୍ସବରେ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚୌହାନ, ସମ୍ବଲପୁର ଆଇଆଇଏମ୍‌ର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ, ଓଡ଼ିଶା ସିଆଇଆଇର ଅଶୋକ ବାରାତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।

# ଏମ୍‌ସିଏଲ୍‌ର ସବୁଜ ଅଭିଯାନ ୫.୦



ସମ୍ବଲପୁର: ଏମ୍‌ସିଏଲ୍ ପକ୍ଷରୁ ସବୁଜ ଅଭିଯାନ ୫.୦ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ନୂତନ ପିଢ଼ିର ସହଭାଗୀତା ଏବଂ ପରିବେଶଗତ ଦାୟିତ୍ୱ ପାଇଁ ପ୍ରତିବଦ୍ଧ ସକାଶେ ବୁର୍ଲା ଆନନ୍ଦ ବିହାର ସ୍ଥିତ ଡିଏଭି ପବ୍ଲିକ୍ ସ୍କୁଲ ଛାତ୍ରୀଛାତ୍ରଙ୍କୁ ସାମିଲ କରାଯାଇଥିଲା । ଛାତ୍ରୀଛାତ୍ରମାନେ ଔଷଧୀୟ ବୃକ୍ଷ ରୋପଣ କରିବା ସହ ସଚେତନତା ଅଭିଯାନରେ ସାମିଲ ହୋଇଥିଲେ । ଏମ୍‌ସିଏଲ୍ ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା । ଡିଏଭି ପବ୍ଲିକ ସ୍କୁଲ ପରିସରରେ ୧୦୧ଟି ଔଷଧୀୟ ଚାରା ରୋପଣ ହୋଇଥିଲା । କମ୍ପାନୀର କାର୍ମିକ ନିର୍ଦ୍ଦେଶକ କେଶବ ରାଓ, ମୁଖ୍ୟ ସତର୍କତା ଅଧିକାରୀ ପି.କେ. ପଟେଲ, ବିତ୍ତ ନିର୍ଦ୍ଦେଶକ ଏ.କେ. ବେହୁରା ଏବଂ ବୈଷୟିକ ନିର୍ଦ୍ଦେଶକ ଏସ.କେ. ଝା ମଧ ଛାତ୍ରୀଛାତ୍ରଙ୍କ ସହିତ ଚାରା ଲଗାଇ ସବୁଜ ସଂକଳ୍ପ ପ୍ରତି ଏମ୍‌ସିଏଲ୍‌ର ପ୍ରତିବଦ୍ଧତା ପ୍ରକାଶ କରିଥିଲେ । ଶିକ୍ଷାନୁଷ୍ଠାନ ଗୁଡ଼ିକୁ ଏହାର ସିଏସଆର କାର୍ଯ୍ୟକଳାପ ସହିତ ଜଡିତ କରି, କମ୍ପାନୀ କେବଳ ସବୁଜ ଆବରଣ ବୃଦ୍ଧି କରୁନାହିଁ, ବରଂ ଆଗାମୀ ପିଢ଼ିକୁ ଔଷଧୀୟ ଉଦ୍ଭିଦ ଏବଂ ସ୍ଥାୟୀ ଜୀବନ ଶୈଳୀ ସମେତ ପରିବେଶଗତ ମୂଲ୍ୟବୋଧର ଗୁରୁତ୍ୱ ସହିତ ପରିଚିତ କରାଉଛି ବୋଲି ଅଧିକାରୀମାନେ ମତବ୍ୟକ୍ତ କରିଥିଲେ ।

# ସୁରଭୀ ଯଜ୍ଞ ପାଇଁ ଧ୍ୱଜାରୋହଣ

ବରଗଡ଼ : ଆସନ୍ତା ୨୮ ରୁ ୩୦ ତାରିଖ ପର୍ଯ୍ୟନ୍ତ ମେଲଛାମୁଣ୍ଡା ଥାନା ଭୁନ୍ଦୁବାହାଲ ଠାରେ ହେବାକୁ ଥିବା ଶ୍ରୀ ଶ୍ରୀ ସୁରଭୀ ଯଜ୍ଞ ଓ ଗୋପାଷ୍ଟମୀ ମହୋତ୍ସବ ପାଇଁ ବିଶ୍ବାତ୍ମିକା ଗୋପାଳ ଆନନ୍ଦ କୁଞ୍ଜ ଆଶ୍ରମରେ ଧ୍ୱଜାରୋହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ବଲାଙ୍ଗୀରର ବିଶ୍ବାତ୍ମ ଚେତନା ପରିଷଦର ସାଧାରଣ ସଂପାଦକ ସ୍ୱାମୀ ଶ୍ରୀ ସତ୍ୟବେଦାନନ୍ଦ ସରସ୍ୱତୀ ଓ ସତ୍ୟ ପ୍ରେମାନନ୍ଦ



ସରସ୍ୱତୀ ପ୍ରମୁଖ ଯୋଗ ଦେଇଥିଲେ । ବିଶ୍ବାତ୍ମିକା ଗୋଶାଳାର ସଭାପତି ମାଁ ଗୁରୁଭକ୍ତିଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବିଶ୍ବାତ୍ମିକା ପ୍ରଜ୍ଞାଶକ୍ତି ମଣ୍ଡଳର ସଦସ୍ୟା ପଦ୍ମିନୀ ଡ଼ନସନା ସଞ୍ଚାଳନ କରିଥିବା ବେଳେ ତିଆରାମ ଡନସନା ଧନ୍ୟବାଦ ଅର୍ପଣ କରିଥିଲେ । ସଂକ୍ରାନ୍ତି ତିଥି ଅବସରରେ ସତ୍‌ସଙ୍ଗ ଅନୁଷ୍ଠିତ ହୋଇଥିଲା । ଗୋଶାଳାର ସଂପାଦକ ସୁଦାମ ଡ଼ନସନା କହିଛନ୍ତି ଯେ, ବିଶ୍ବାତ୍ମିକା ଗୋଶାଳା ସମାଜ ପାଇଁ ଭବିଷ୍ୟତରେ ଏକ ଆଧାତ୍ମିକ କେନ୍ଦ୍ରସ୍ଥଳ ହୋଇ ସମାଜର ଏକ ଦିଗଦର୍ଶକ ଅନୁଷ୍ଠାନ ହେବ । ଗୋଶାଳାର ପ୍ରତିଷ୍ଠାତା ସ୍ୱାମୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ଗୋଶାଳାରେ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଗୋମାତା ମାନଙ୍କ ଆରତୀ ଓ ପ୍ରତ୍ୟେକ ମାସ ସଂକ୍ରାନ୍ତି ଦିନ ସତ୍‌ସଙ୍ଗ ହୋଇ ଆସୁଛି । ସୁରଭି ଯଜ୍ଞ ଓ ଗୋପାଷ୍ଟମୀ ମହୋତ୍ସବ ପାଇଁ ପ୍ରତ୍ୟେକ ଦିନ ବିଭିନ୍ନ ଗାଁକୁ ଯାଇ ଗ୍ରାମବାସୀମାନଙ୍କୁ ନିମନ୍ତ୍ରଣ କରାଯିବା ସଂଗେ ସଂଗେ ଦେଶରେ କିଭଳି ଗୋମାତାଙ୍କୁ ସୁରକ୍ଷା ଦିଆଯାଇ ପାରିବ ସେଥିପାଇଁ ସଚେତନ କରାଯାଉଛି ।

# ଲାଞ୍ଜିଗଡ଼ରେ ଆଞ୍ଚଳିକ ପରିବେଶ ସୁରକ୍ଷା ସଂଘର ଆନ୍ଦୋଳନ



କଳାହାଣ୍ଡି: ଆଞ୍ଚଳିକ ପରିବେଶ ସୁରକ୍ଷା ସଂଘ ଲାଞ୍ଜିଗଡ ଶାଖା ଆନୁକୂଲ୍ୟରେ ଲାଞ୍ଜିଗଡ ଠାରେ ୧୦ ଦଫା ଦାବି ନେଇ ଆନ୍ଦୋଳନ କରାଯାଇଥିଲା । ଦାବିମାନଙ୍କ ମଧରେ ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ରେ ସ୍ଥାପନ, ଲାଞ୍ଜିଗଡ ନିକଟସ୍ଥ ଜଗନ୍ନାଥପୁର ପଞ୍ଚାୟତ ଠାରେ ଆଇଟିଆଇ ତାଲିମ କେନ୍ଦ୍ର ସ୍ଥାପନ କରିବା, ଲାଞ୍ଜିଗଡ଼ ସ୍ୱାସ୍ଥ୍ୟ କେନ୍ଦ୍ର ନିର୍ମାଣ ଓ ଉପଯୁକ୍ତ ଉପକରଣ ଯୋଗାଇ ଦେବା, ସବ୍‌ଟ୍ରେଜରୀ ଓ ଅତିରିକ୍ତ ତହସିଲ କାର୍ଯ୍ୟାଳୟ ସ୍ଥାପନ, ମଦନପୁର ରାମପୁର ଠାରୁ ସବ୍ ରେଜେଷ୍ଟ୍ରି ଅଫିସ ଫେରାଇ ଆଣି ଲାଞ୍ଜିଗଡ ଠାରେ ସ୍ଥାପନା କରିବା, ଲାଞ୍ଜିଗଡ ଠାରେ ନୂତନ ବସଷ୍ଟାଣ୍ଡ ନିର୍ମାଣ କରିବା, ଅବକାରୀ କାର୍ଯ୍ୟାଳୟ ସ୍ଥାପନ କରିବା ପ୍ରମୁଖ ଦାବି ଅନ୍ତର୍ଭୁକ୍ତ । ଏହି ଅବସରରେ ସଂଘର ଆବାହକ ଅବସରପ୍ରାପ୍ତ ଶିକ୍ଷକ ଉଦୟ କୁମାରଙ୍କ ନେତୃତ୍ୱରେ ବଂଶୀଧାରା ନଦୀ ଠାରୁ ଏକ ପଦଯାତ୍ରା ବାହାରି ଲାଞ୍ଜିଗଡ ବଜାର ପ୍ରାଙ୍ଗଣକୁ ଆସି ଏକ ସଭା ହୋଇଥିଲା । ଏଥିରେ ଭାରତୀୟ କିସାନ ମହାସଂଘ ସାଧାରଣ ଆଞ୍ଚଳିକ ପରିବେଶ ସୁରକ୍ଷା ସଂଘ ସମ୍ପାଦକ ସତ୍ୟ ନାରାୟଣ ରାଓ ମୁଖ୍ୟ ଅତିଥି, ଭାଲ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟ ବକ୍ତା, ବିଜୟ ପରିଡା, ପଦ୍ମନାଭ ଚୌଧୁରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏ ସଂକ୍ରାନ୍ତରେ ଲାଞ୍ଜିଗଡ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶଶାଙ୍କ ପାତ୍ରଙ୍କୁ ଏକ ସ୍ମାରକ ପତ୍ର ଦିଆଯାଇଥିଲା ।

# ବାର୍କ ସହ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଏମ୍‌ଓୟୁ

ସମ୍ବଲପୁର : ଗଙ୍ଗାଧର ମେହେର ବିଶ୍ୱ-ବିଦ୍ୟାଳୟ ସହିତ ଦେଶର ପ୍ରମୁଖ ସୁରକ୍ଷା ଅନୁଷ୍ଠାନ ମୁମ୍ବାଇସ୍ଥ ଭାବା ଅଟୋମିକ୍ ରିସର୍ଚ୍ଚ ସେଣ୍ଟର (ବାର୍କ)ର ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି । ଜିଏମ୍‌ୟୁରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାର୍କ ସହିତ ଜିଏମ୍‌ୟୁ କୁଳପତି ସୁଶାନ୍ତ ଦାସ ଏମ୍‌ଓୟୁ ସ୍ୱାକ୍ଷର କରିଥିଲେ । ଏମ୍‌ଓୟୁ ପରେ ସମ୍ବଲପୁର ଜିଏମ୍‌ୟୁରେ 'ବାର୍କ ଆକୃତି କେନ୍ଦ୍ର' ପ୍ରତିଷ୍ଠା ହେବ । ବାର୍କ ସହ ଏମ୍‌ଓୟୁ ସ୍ୱାକ୍ଷର କରିବାରେ ଗଂଗାଧର ମେହେର ବିଶ୍ୱବିଦ୍ୟାଳୟ ରାଜ୍ୟର ପ୍ରଥମ ଓ ଦେଶର ୧୩ତମ ଶିକ୍ଷାନୁଷ୍ଠାନ ହୋଇଛି ବୋଲି ସୂଚନା ଦିଆଯାଇଛି । 'ବାର୍କ' ପକ୍ଷରୁ ଜିଏମ୍‌ୟୁର ଅଧାପକମାନଙ୍କୁ ବିଭିନ୍ନ ପ୍ରକାର ଜ୍ଞାନକୌଶଳ ପାଇଁ ଆବଶ୍ୟକ ତାଲିମ ପ୍ରଦାନ କରାଯିବ । ତାଲିମପ୍ରାପ୍ତ ଅଧାପକମାନେ ସ୍ଥାନୀୟ ଛାତ୍ରଛାତ୍ରୀ, ଉଦ୍ୟୋଗୀ ଯୁବକ ଯୁବତୀମାନଙ୍କୁ ଏହି ଆକୃତି କେନ୍ଦ୍ରରେ ତାଲିମଦେଇ ସେମାନଙ୍କ ଦକ୍ଷତା ବିକାଶ କରିବେ । ତାଲିମ ପରେ ସେହି ଯୁବକ ଯୁବତୀମାନଙ୍କୁ ତାଲିମ ଦିଆଯାଇଥିବା ଟେକ୍ନୋଲୋଜିର ଏକ ନନ୍-କମର୍ସିଆଲ ଲାଇସେନ୍ସ ଦିଆଯିବ । ଫଳରେ ସ୍ଥାନୀୟ




ଅଞ୍ଚଳରେ ସେମାନେ ନିଜ ଷ୍ଟାର୍ଟଅପ୍ ବା ଇଣ୍ଡଷ୍ଟ୍ରି ପ୍ରତିଷ୍ଠା କରି ରୋଜଗାର କରିପାରିବେ । ଏହି କାର୍ଯ୍ୟକ୍ରମରେ 'ବାର୍କ'ର ବୈଜ୍ଞାନିକ ଭାରତୀ ଭାଲେରାଓ କହିଥିଲେ, ଆମ ପାଖରେ ୨୦୦ରୁ ଅଧିକ ଟେକ୍ନୋଲୋଜି ରହିଛି । ଏସବୁ ମଧରୁ କେତେକ ଟେକ୍ନୋଲୋଜି ନେଇ ଆମେ ଏହି ଶିକ୍ଷା ଅନୁଷ୍ଠାନର ଅଧାପକମାନଙ୍କୁ ତାଲିମ ଦେବୁ । ପରେ ସେହି ତାଲିମପ୍ରାପ୍ତ ଅଧାପକମାନେ ସ୍ଥାନୀୟ ଇଚ୍ଛୁକ ଉଦ୍ୟୋଗୀ, ଛାତ୍ରଛାତ୍ରୀ ତଥା ଯୁବକଯୁବତୀମାନଙ୍କୁ ତାଲିମ ଦେବେ । ପରେ ସେହି ଯୁବକ -ଯୁବତୀମାନେ ଏଠାରେ ନିଜନିଜ ଷ୍ଟାର୍ଟଅପ୍ ପ୍ରତିଷ୍ଠା କରିପାରିବେ । ଏହା ଦ୍ୱାରା 'ବାର୍କ ' ଲ୍ୟାବର ଟେକ୍ନୋଲୋଜିର ଲାଭ ସ୍ଥାନୀୟ ଛାତ୍ରଛାତ୍ରୀ ସିଧାସଳଖ ପାଇପାରିବେ । ଏହା ଦ୍ୱାରା ଏହି ଉଦ୍ୟୋଗୀମାନଙ୍କ ଆର୍ଥିକ ଉନ୍ନତି ସହ ଅଞ୍ଚଳର ବିକାଶ ହୋଇପାରିବ ବୋଲି ସେ କହିଥିଲେ । ଆସନ୍ତା ୨ ମାସ ମଧରେ ବାର୍କ ଆକୃତି କେନ୍ଦ୍ର ଜିଏମ୍‌ୟୁରେ ପ୍ରତିଷ୍ଠା ହୋଇଯିବା ଏଠାରେ ମୁଖ୍ୟତଃ କୃଷି ଟେକ୍ନୋଲୋଜି, ବାୟୋସାଇନ୍ସ ଟେକ୍ନୋଲୋଜି, ୱାଟର ଟେକ୍ନୋଲୋଜି, ସଏଲ ଟେଷ୍ଟିଂ କିଟ୍ ତିଆରି ଜ୍ଞାନକୌଶଳ, ବାୟୋଗ୍ୟାସ ପ୍ଲାଣ୍ଟ ଟେକ୍ନୋଲୋଜି, ଟେମ୍ପଲ ୱେଷ୍ଟ ଓ କିଚେନ୍ ୱେଷ୍ଟ ଟେକ୍ନୋଲୋଜି ଆଦିର ତାଲିମ ବ୍ୟବସ୍ଥା ରହିବ ବୋଲି କହିଥିଲେ ବୈଜ୍ଞାନିକ ଭାରତୀ ଭାଲେରାଓ । ସେହିପରି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବାର୍କର କୋଲାବରେସନ ମୁଖ୍ୟ ଡାନିଏଲ ବାବୁ କହିଛନ୍ତି, 'ଆମ ପାଖରେ ୨୦୦ ଟେକ୍ନୋଲୋଜି ରହିଛି । ଏଥିରେ ମେଡିସିନ, ୱାଟର ଓ ଇଞ୍ଜିନିୟରିଂ ପରି ଟେକ୍ନୋଲୋଜି ରହିଛି । ପୂର୍ବରୁ ଉଦ୍ୟମୀମାନେ ଲାଇସେନ୍ସ, ତାଲିମ ଓ ବୈଜ୍ଞାନିକଙ୍କୁ ଭେଟିବା ପାଇଁ ମୁମ୍ବାଇ ଯାଉଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ବିଧୁଭୂଷଣ ମିଶ୍ର, ସୁବୀର ପଲ, ହେମା ଏକ୍କା, ଜିଏମ୍‌ୟୁର ଉପକୁଳ ସଚିବ ଡକ୍ଟର ଉମାଚରଣ ପତି ଉପସ୍ଥିତ ଥିଲେ । ଶେଷରେ ଡକ୍ଟର ପ୍ରିୟବ୍ରତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

Printed, Published and Owned by Hemanta Kumar Mahapatra, Printed at Impressions Press,Sambalpur, Office Phone: 9437348018
e-mail: hemantamahapatra@yahoo.com Editor : Hemanta Kumar Mahapatra